୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.103 Bhubaneswar Tuesday May 28 2024 | ୨୬ତମ ବର୍ଷ ସଂଖ୍ୟା–୧୦୩ ଭୁବନେଶ୍ୱର, ମଙ୍ଗଳବାର, ମଇ ୨୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ବିଧାୟକଙ୍କ ବାଇକ୍ ରାଲିରେ ସ୍କର୍ପିଓ ଚଢ଼ାଇଦେଲେ ପୂର୍ବତନ ସରପଞ୍ଚ, ବିଜେଡି କର୍ମୀଙ୍କ ଭଙ୍ଗାରୁଜା

ଭୁବନେଶ୍ୱର,୨୭।୫(ପି.ଏନ): ଧର୍ମଶାଳାର ବିଜେଡି ପ୍ରାର୍ଥୀ ତଥା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବାଇକ୍ ରାଲି ଉପରେ ଜଣେ ପୂର୍ବତନ ସରପଞ୍ଚ ସ୍କର୍ପିଓ ଚଢ଼ାଇ ଦେବାରୁ ୨ ଜଣ ଆହତ ହୋଇଥିବା ବେଳେ ଏକାଧିକ ବାଇକ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଫେରାର ଥିବା ବେଳେ ବିଜେଡି କର୍ମୀମାନେ ତାଙ୍କ ଅଫିସରେ ଭଙ୍ଗାରୁଜା କରିବା ସହିତ ତାଙ୍କର ୪ଟି ହାଇୱାର ସାମ୍ନା କାଚ୍ ଭାଙ୍ଗି ଦେଇଛନ୍ତି। ପୁଲିସ୍ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ପୂର୍ବତନ ସରପଞ୍ଚଙ୍କ ନାଁ ଦିଲ୍ଲୀପ କୁମାର ବେହେରା। ସେ ପୂର୍ବରୁ ପାଖର ପଞ୍ଚାୟତର ସରପଞ୍ଚ ଥିଲେ। ଆଜି ଅପରାହ୍ନରେ ୫୩ ନମ୍ବର ଜାତୀୟ ରାଜପଥରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ରାଲି ଯାଉଥିବା ବେଳେ ଓସରା ଗ୍ରାମ ନିକଟରେ ଦିଲ୍ଲୀପ କୁମାର ବେହେରା ତାଙ୍କ ସ୍କର୍ପିଓରେ ଦ୍ରୁତଗତିରେ ଆସି ରାଲି ଉପରକୁ ମାଡି ଯାଇଥିଲେ। ତାଙ୍କ ସ୍କର୍ପିଓ ଧକ୍କାରେ ବାଇକରୁ ପଡି ଜଣେ ବ୍ୟକ୍ତିଙ୍କ ଗୋଡ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ହାତ ଭାଙ୍ଗିଥିବା ଜଣାପଡିଛି। ଆଉ କିଛି ବାଇକ ମଧ୍ୟ ଭାଙ୍ଗି ଯାଇଛି।



## ଚାନ୍ଦବାଲିରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତିଙ୍କୁ ବିଜେଡି କର୍ମୀଙ୍କ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୨୭।୫(ପି.ଏନ): ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସୁବାସ ସାହୁଙ୍କ ଉପରେ ଆଜି ହୋଇଛି ମରଣାନ୍ତକ ଆକ୍ରମଣ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ତୋଟାପଡାରେ ତାଙ୍କ ଉପରେ ହୋଇଛି ସଂଘବଦ୍ଧ ଆକ୍ରମଣ। ସୁବାସଙ୍କ ସହିତ ତାଙ୍କର ୫ ସାଥୀଙ୍କ ଉପରେ ହୋଇଛି ଆକ୍ରମଣ। ବିଜେଡି କର୍ମୀମାନେ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ୪୦/୫୦ ବିଜେଡି କର୍ମୀ ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଇଟା





ଓ ପଥରରେ ସେମାନେ ଗାଡି ଭଙ୍ଗାରୁଜା କରିଥିଲେ। ସୁବାସଙ୍କ ହାତକୁ ମଧ୍ୟ ଇଟାରେ ଛେଚି ଦେଇଥିଲେ। ସୁବାସଙ୍କ ଶାର୍ଟ ଚିରି ଦେଇଥିଲେ। କାରରେ ତାଙ୍କ ସହିତ ବସିଥିବା ତାଙ୍କ ସମର୍ଥକମାନେ ମଧ୍ୟ ଆଘାତ ପାଇଛନ୍ତି।

## ୧୩ନମ୍ବର ଜୋନ୍‌ରେ ପ୍ରଣବଙ୍କ ନିର୍ବାଚନୀ ପ୍ରଚାର

ଧର୍ମଶାଳା,୨୭/୫(ପି.ଏନ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୩ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ(ଜିତୁ) ଆଜି ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି । ପାଖର, ଥାନୁଆଳ, ଗଙ୍ଗାଧରପୁର, କୁମାରୀ ସମେତ ରସୁଲପୁର ଓ ରାହାମ୍ବା ପଂଚାୟତରେ ରୋଡ଼ସୋ କରଥିଲେ । ପ୍ରତ୍ୟେକ ଗାଁରେ ଘରକୁ ଘର ବୁଲି ଲୋକମାନଙ୍କର ସୁବିଧା, ଅସୁବିଧା ପଚାରି ବୁଝିବା ସହିତ ବିଜେଡି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ ସଂପର୍କରେ ସୂଚନା ଦେବା ସହିତ ଆଗାମୀ ଦିନରେ ଏହି ବିକାଶଧାରା ଅଧିକ ତ୍ୱରାନ୍ୱିତ ହେବ



ବୋଲି ପ୍ରତିଶୃତି ଦେଇଥିଲେ । ଶଙ୍ଖ ଚିହ୍ନରେ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ। ବିଭିନ୍ନ ସ୍ଥାନରେ ମହିଳାମାନେ ତାଙ୍କୁ ବନ୍ଦାପନା କରିବା ସହିତ ଶଙ୍ଖ ବଜାଇ ଓ ହୁଳହୁଳି ଦେଇ ନିର୍ବାଚନରେ ବିଜୟ ଲାଭ ପାଇଁ ଆଶୀର୍ବାଦ କରିଥିଲେ। ବିଜେଡ଼ି ନେତା ଶ୍ରୀନିବାସ ଜେନା, ନକୁଳ ଚନ୍ଦ୍ର ନାୟକ, ନିରଂଜନ ରାଉତ, ସୁଧାଂଶୁ ଜେନା, ପ୍ରସନ୍ନ କୁମାର ରାଉତ, ଦୁଃଶାସନ ଜେନା, ବାସୁଦେବ ପରିଡ଼ା, ପ୍ରତାପ କୁମାର ଜେନା, ବନଜିନୀ ପରିଡ଼ା, ଶଙ୍କର୍ଷଣ ମଲିକ, ହରେଶ୍ ପରିଡ଼ା, ପ୍ରଭନ ମହାଁଙ୍କ ସମେତ ବହୁ ଦଳୀୟ ନେତା ଏଥିରେ ସାମିଲ ହୋଇଥିଲେ । ଏହି ୬ ପଂଚାୟତ ବୁଲିବା ସମୟରେ ମହିଳା, ଯୁବ ଓ ଛାତ୍ର କର୍ମୀମାନେ ବିଧାୟକଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ।

## ଜୁନ ୧ ଇଣ୍ଡିଆ ବୈଠକରେ ଯୋଗ ଦେବେନି ମମତା ବାନାର୍ଜୀ

ଭୁବନେଶ୍ୱର,୨୭।୫(ପି.ଏନ): ଲୋକସଭା ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବ। ସେହି ଦିନ ବିରୋଧୀ ମେଣ୍ଟ ଇଣ୍ଡିଆର ବୈଠକ ମଧ୍ୟ ଦିଲ୍ଲୀରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।କିନ୍ତୁ ଏହି ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଯୋଗ ଦେବେ ନାହିଁ। ରାଜ୍ୟରେ ହେବାକୁ ଥିବା ଭୋଟ ଓ ବାତ୍ୟା ରେମାଲ ପାଇଁ ସେ ବୈଠକରେ ଯୋଗ ଦେଇ ପାରିବେ ନାହିଁ ବୋଲି ଆଜି ଠାରୁ ସ୍ପଷ୍ଟ କରି ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କଡା ଜବାବ ଦେଲେ ବୈଜୟନ୍ତ

ଭୁବନେଶ୍ୱର,୨୭।୫(ପି.ଏନ): କେନ୍ଦ୍ରାପଡାରେ ବୈଜୟନ୍ତ ପଣ୍ଡାଙ୍କ ନାଁ ନନେଇ ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ ଆଣିଥିଲେ ତା'ର କଡା ଜବାବ ଦେଇଛନ୍ତି ଶ୍ରୀ ପଣ୍ଡା। ପାଟକୁରାରେ ଅନୁଷ୍ଠିତ ନିର୍ବାଚନୀ ସଭାରୁ ସେ କରିଛନ୍ତି କାଉଣ୍ଟର। ବୈଜୟନ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋ ନାଁରେ ଇଆଡୁ ସିଆଡୁ କିଛି ଅଭିଯୋଗ କରିଛନ୍ତି। ମୁଁ ତାଙ୍କୁ ଦୋଷ ଦେଉନି। ଯେଉଁ ତାମିଲ ବାବୁ ତାଙ୍କୁ କବଜା କରି ରଖିଛନ୍ତି, ସେ ଯାହା କହୁଛନ୍ତି, ନବୀନ ସେୟା ମାଇକ୍ ?ରେ କହି ଦେଉଛନ୍ତି। ବହୁ ଦଶନ୍ଧି ଧରି ମୋ ପରିବାର ବ୍ୟବସାୟ କରି ଆସୁଛି। ସ୍ୱର୍ଗତ ବିଜୁ ଅଙ୍କଲଙ୍କ ଅମଳରୁ ଆମ ପରିବାର



ବ୍ୟବସାୟ କରି ଆସୁଛି। ଆମ ପରିବାର ପ୍ରତି କେହି କେବେ ଆରୋପ ଲଗାଇ ନାହାନ୍ତି। ସମ୍ପତ୍ତି ପାଇଁ ମୁଁ ରାଜନୀତିକୁ ଆସିନାହିଁ। ଲୋକଙ୍କ ପାଇଁ କାମ କରିବାକୁ ଓ ଲୋକଙ୍କ ସେବା କରିବାକୁ ରାଜନୀତିକୁ ଆସିଛି।

## ରାହୁଲ ଗାନ୍ଧି ଓ କେଜ୍ରିୱାଲଙ୍କୁ ପାକ୍ ନେତାଙ୍କ ସମର୍ଥନ: ବଡ କଥା କହିଲେ ମୋଦି

ଭୁବନେଶ୍ୱର,୨୭।୫(ପି.ଏନ): ପାକିସ୍ତାନର ଜଣେ ନେତା ଭାରତର ନିର୍ବାଚନ ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧି ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅଗ୍ନିବର୍ଷୀ ଭାଷଣଙ୍କୁ ସମର୍ଥନ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।ଠିକ ନିର୍ବାଚନ ବେଳେ ପାକିସ୍ତାନର ଜଣେ ନିର୍ଦ୍ଦିଷ୍ଟ ନେତା ଭିଡିଓ ଜାରି କରି ରାହୁଲ ଓ କେଜ୍ରିୱାଲଙ୍କୁ ସମର୍ଥନ କରୁଛନ୍ତି। ଏହାକୁ ବିଜେପି ମଧ୍ୟ ପ୍ରସଙ୍ଗ କରି ଦୁଇ ପ୍ରମୁଖ ବିରୋଧୀ ଦଳର ନେତାଙ୍କୁ ଘେରିବାକୁ ଆଁଟି ସୁଯୋଗ ହାତ ଛଡା କରୁନାହିଁ।

## ଓଡ଼ିଶାକୁ ଆସି ବିତ୍ତୀୟ ବ୍ୟବସ୍ଥା ବାବଦରେ ଟିଉସନ ନିଅନ୍ତୁ ଆସାମ ମୁଖ୍ୟମନ୍ତ୍ରୀ: ସସ୍ମିତ ପାତ୍ର

ଭୁବନେଶ୍ୱର: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉପରେ ବର୍ଷିଲେ ବିଜେଡ଼ି ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ରାଜନୀତିରେ ଜଣେ ଜୋକର ଭାବରେ ସୁପରିଚିତ। ଯେତେବେଳେ ସେ ମୁହଁ ଖୋଲନ୍ତି ନାନା ଅଯୌକ୍ତିକ କଥା କହିଥାନ୍ତି। ତାଙ୍କ ରାଜ୍ୟରେ ମଧ୍ୟ ତାଙ୍କ କଥାକୁ କେହି ଗୁରୁତ୍ୱର ସହ ନିଅନ୍ତି ନାହିଁ। ତାଙ୍କ ନାଁ ଚିଟଫଣ୍ଡ କେଶରେ ଅଛି। ତାଙ୍କ ରାଜ୍ୟର ଋଣ ଭାର ମଧ୍ୟ ଢେର ଅଧିକ।ସେ ନିଜ ରାଜ୍ୟକୁ ଦେବାଳିଆ କରି ସାରିଲେଣି। ସାରା ଦେଶରେ ଓଡ଼ିଶାର ବିତ୍ତୀୟ ବ୍ୟବସ୍ଥା ଭଲ। ତେଣୁ ସେ ଓଡ଼ିଶାକୁ ଆସି ବିତ୍ତୀୟ ବ୍ୟବସ୍ଥା ବାବଦରେ ଟିଉସନ ନିଅନ୍ତୁ। ତାଙ୍କ ରାଜ୍ୟରେ ଉଚିତ କାଯ୍ୟକରି ପାରିବେ। ଆସାମରେ ଚାକିରି ପାଇଁ ଯୁବକ ରାଜରାସ୍ତାରେ ଗୁହାରି କରୁଥିବା ବେଳେ ତାଙ୍କ ରାଜ୍ୟରେ ବେକାରୀ ସଂଖ୍ୟା ଓ ଦରଦାମ ଅଧିକ। ସ୍ୱାସ୍ଥ୍ୟ ସେବା ମଧ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସେ ସମସ୍ତଙ୍କ ସାମ୍ନାରେ ନିଜର ଆବର୍ଜନାପୂର୍ଣ୍ଣ ମନ୍ତବ୍ୟ ଦେଇ ନିଜକୁ ହାସ୍ୟାସ୍ପଦ କରି ସାରିଛନ୍ତି। ଓଡ଼ିଶାର ବିଜେପି ତାଙ୍କୁ ପ୍ରଚାର ପାଇଁ ଆହୁରି ଆଣନ୍ତୁ। ସେ ଓଡ଼ିଶା ଆସିବା ଦ୍ୱାରା ବିଜେପିର ପ୍ରାର୍ଥୀ ମାନଙ୍କ ପରାଜୟ ଯଥେଷ୍ଟ ସୁନିଶ୍ଚିତ ହେଉଛି।

## ଆସନ୍ତାକାଲିଠାରୁ ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ଓଡିଶାରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୭।୫(ପି.ଏନ): ଆସନ୍ତାକାଲିଠାରୁ ରାଜ୍ୟରେ ପାଣିପାଗରେ ପରିବର୍ତ୍ତନ ଆସିବ। ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ଦିନ ତାପମାତ୍ରା ବୃଦ୍ଧି ପାଇବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ତେବେ ଭୀଷଣ ବାତ୍ୟା 'ରେମଲ' ବାତ୍ୟାରେ ପରିଣତ ହୋଇଛି। ବର୍ତ୍ତମାନ ଓଡିଶାକୁ ଏହାର ବିଶେଷ ପ୍ରଭାବ ନାହିଁ। ଏଭଳି ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି। ସେ କହିଛନ୍ତି, ରାଜ୍ୟର ସ୍ଥଳଭାଗରେ ବର୍ଷା ଘଡଘଡି ବିଜୁଳି ପବନ ହେବାର



ବିଶେଷ ସମ୍ଭାବନା ନାହିଁ। କେତେକ ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ। ଆସନ୍ତାକାଲି ଠାରୁ ୨ରୁ ତିନି ଡିଗ୍ରୀ ତାପମାତ୍ରା ବଢିବ। ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ହିଟୱେଭ ସ୍ଥିତି ସମ୍ଭାବନା ନାହିଁ। ନୟାଗଡ଼ର ରାମପୁରରେ ସର୍ବାଧିକ ୯୨.୮ ମିମି ଏବଂ କେନ୍ଦ୍ରାପଡାର ରାଜନଗରରେ ୭୮ ମିମି ବର୍ଷା ରେକର୍ଡ଼ କରାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଓଡିଶାରେ ଏମିତି ସ୍ଥିତି ରହିବ। ଏହାଛଡା କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି।

## କେଜ୍ରିୱାଲଙ୍କ ପିଏ ବୈଭବ କୁମାର ନିରାଶ, ମିଳିଲାନି ଜାମିନ

ନୂଆଦିଲ୍ଲୀ,୨୭।୫(ପି.ଏନ); ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପିଏ ବୈଭବ କୁମାର ନିରାଶ। ଆପ୍ ସାଂସଦ ସ୍ୱାତୀ ମାଲିୱାଲଙ୍କୁ ମାଡ ମାରିବା ଘଟଣାରେ ତାଙ୍କୁ ମିଳିନି ଜାମିନ। ଆଜି ଦିଲ୍ଲୀର ତିସ ହଜାରି କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛି। ଏବେ ସେ ଏହା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିବେ।ମେ' ୧୩ରେ କେଜ୍ରିୱାଲଙ୍କ



ବାସଭବନରେ ମାଲିୱାଲଙ୍କୁ ବୈଭବ କୁମାର ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହାର ୫ ଦିନ ପରେ ଗିରଫ ହୋଇ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ଅବଧି ଆସନ୍ତାକାଲି ଶେଷ ହେବ।

## ଯୁକ୍ତ ୨ରେ କିସ୍‌ର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର,୨୭।୫(ପି.ଏନ): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ ହାର ଯଥାକ୍ରମେ ୮୦.୯୫, ୮୬.୯୩ ଓ ୮୨.୨୭ ଥିବା ବେଳେ କିସ୍‌ର ପାସ ହାର ଶତ ପ୍ରତିଶତ ରହିଛି। କିସ୍‌ରେ ୧୮୮୫ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ମଧ୍ୟ କିସ୍‌ର ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। କିସ୍‌ରେ ମୋଟ ୩୮ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସେଥିମଧ୍ୟରୁ କଳାରେ ୪୦ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ବିଜ୍ଞାନ ଓ ବାଣିଜ୍ୟରେ ଯଥାକ୍ରମେ ୪୧ ଓ ୩୩ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ହିମାରାଣୀ ମଲ୍ଲିକ ସର୍ବାଧିକ ୮୮ ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଥିବା ବେଳେ ଲିବୁ ସୋରେନ୍ ୮୦ ପ୍ରତିଶତ ରଖି ବିଜ୍ଞାନ ଓ ଶଙ୍କର ଭୂମିଜ



ବାଣିଜ୍ୟରେ ସର୍ବାଧିକ ୮୭ ପ୍ରତିଶତ ରଖି କଲେଜ ଟପ୍‌ପର ହୋଇଛନ୍ତି। ଅତି ଦୁର୍ବଳ ଜନଜାତିବର୍ଗର ୭୫ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର +୨ରେ ଭଲ ପ୍ରଦର୍ଶନ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଦ୍ୱାଦଶ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି, କିସ୍ କଲେଜର ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି।

## ଗେମିଂ ଜୋନ୍ ଅଗ୍ନିକାଣ୍ଡ: ପୁଲିସ୍ କମିଶନର ଓ ନଗର ନିଗମ ମୁଖ୍ୟଙ୍କ ବଦଳି



ନୂଆଦିଲ୍ଲୀ,୨୭।୫(ପି.ଏନରାଜକୋଟ ଗେମିଂ ଜୋନ ଅଗ୍ନିକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଗୁଜରାଟ ସରକାର। ହାଇକୋର୍ଟଙ୍କ ସମାଲୋଚନା ପରେ ସରକାର ୬ ଜଣ ଆଇପିଏସ ଅଫିସରଙ୍କ ବଦଳି କରିଛନ୍ତି। ଏମାନଙ୍କ ମଧ୍ୟରେ ରାଜକୋଟ ପୁଲିସ୍ ? କମିଶନର ମଧ୍ୟ ରହିଛନ୍ତି। ସେହିପରି ରାଜକୋଟ ନଗର ନିଗମ ମୁଖ୍ୟଙ୍କ ବଦଳି ମଧ୍ୟ ହୋଇଛି।ଶନିବାର ରାଜକୋଟର ଗେମିଂ ଜୋନରେ ଭୟଙ୍କର ନିଆଁ ଲାଗିଥିଲା। ଏଥିରେ ୨୭ ଜଣଙ୍କ ଜୀବନ ଯାଇଛି। ଏହାକୁ ନେଇ ହାଇକୋର୍ଟ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ସରକାର ଓ ରାଜକୋଟ ନଗର ନିଗମର ଅବହେଳାକୁ ତୀବ୍ର ସମାଲୋଚନା କରାଯାଉଛି।

## ସରକାର କି ମାଲ ଦରିଆ ମେଁ ଡାଲ ଅବ୍ୟବସ୍ଥାରେ ହରିଶଙ୍କର ପାର୍କ

ଖପ୍ରାଖୋଲ,୨୭।୫(ପି.ଏନ): ହରିଶଙ୍କର ପୀଠ ର ନବୀକରଣ ଚାଲିଛି ୫ଟି ରୂପାନ୍ତରିତ ହରିଶଙ୍କର ର ବିକାଶ କିପରି ଚାଲିଛି ତାର ସ୍ପଷ୍ଟ ଉଦାହରଣ ନୂଆଁ କରି ଆରମ୍ଭ ହୋଇଥିବା ପାର୍କ କୁ ଦେଖିଲେ ଛାଏଁ ଜଣାପଡ଼ିଯିବ। କାମ ସରି ସାରିଛି ଜନସାଧାରଣ ଙ୍କ ଉଦ୍ଦେଶ୍ୟ ରେ ଲୋକାର୍ପିତ ମଧ୍ୟ ହୋଇ ସାରିଛି ହେଲେ ପାର୍କ ର ଅବସ୍ଥା ଏବେ ସାଙ୍ଘାତିକ ନାମକୁ ମାତ୍ର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ଅଧା ରୁ ଅଧିକାଂଶ ଲାଇଟ ଭାଙ୍ଗି ଚୋରି



ହୋଇସାରିଲାଣି,ପାର୍କ ର ଦେଖ ରେଖ ଠିକ ଭାବରେ ହେଉନଥିବା ଏପରିକି ପାର୍କ ଶୁଭାରମ୍ଭ ର କିଛି ଦିନ ସ୍ୱାଭାବିକ ଭାବରେ ଟିକେଟ କାଉଣ୍ଟର ଚାଲୁଥିବା ବେଳେ ଏବେ କାଉଣ୍ଟର ରେ ମଧ୍ୟ ତାଲା ଝୁଲୁଛି। ଭିତରେ ଲାଗିଥିବା ଲନର ଘାସ ଉପଯୁକ୍ତ ପାଣି ନହେବା ରୁ ସବୁ ମରିବାକୁ ବସିଲାଣି। ଶିଶୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ଦୋଳି,ଖେଳ ସରଞ୍ଜାମ ନଷ୍ଟ ହେବା ରେ ଲାଗିଲାଣି ଆଉ ବିଶେଷ କରି ଠିକ ଭାବରେ ରକ୍ଷଣା ବେକ୍ଷଣ ନହେବା ରୁ ଖେଳ ସରଞ୍ଜାମ, ସୌନ୍ଦର୍ଯ୍ୟ କରଣ ଲାଇଟ ସବୁ ଚୋରି ହୋଇଯାଇଥିବା ସୂଚନା ମିଳିଛି ।ପାର୍କ ର ରକ୍ଷଣା ବେକ୍ଷଣ ଠିକ ଭାବରେ କିପରି ହେବ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।



## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।



## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।



## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ହିନ୍ଦୁଧର୍ମ ପ୍ରାଚ୍ୟ ଦର୍ଶନର ପୁରୋଧା ଥିଲେ ବିବେକାନନ୍ଦ

ପୃଥିବୀରେ ଯେତେବେଳେ ଧର୍ମର ଗ୍ଲାନି ଘଟେ, ଅଜ୍ଞାନତା ଓ କୁସଂସ୍କାର ମନୁଷ୍ୟ ସମାଜକୁ ପଥଭ୍ରଷ୍ଟ କରେ, ସେତେବେଳେ ମହାପୁରୁଷଙ୍କ ଆବିର୍ଭାବ ହୁଏ। ମନୁଷ୍ୟ ସମାଜକୁ ନୂତନ ଦିଗ୍ଦର୍ଶନ ପ୍ରଦାନ କରି ଧର୍ମ ସଂସ୍ଥାପନ କରନ୍ତି। ନବ ଜାଗରଣର ଉନ୍ମେଷ ଘଟାଇ ସମାଜରେ ଶାନ୍ତି, ମୈତ୍ରୀ ଓ ପ୍ରୀତି ଆନୟନ କରନ୍ତି। ସ୍ୱାମୀ ବିବେକାନନ୍ଦ ଏହିପରି ଜଣେ ମହାପୁରୁଷ। ୧୮୬୩ ମସିହା ଜାନୁୟାରୀ ୧୨ ତାରିଖ ପୌଷ ସଂକ୍ରାନ୍ତିର ପୁଣ୍ୟ ପ୍ରଭାତରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଆଜାଙ୍କ ନାମ ଦୁର୍ଗାଚରଣ ଦତ୍ତ। ଦୁର୍ଗାଚରଣ ବିଷୟୀ ନ ଥିଲେ। ମାତ୍ର ୨୫ ବର୍ଷ ବୟସରେ ଶିଶୁ ପୁତ୍ରକୁ ଛାଡି ସନ୍ୟାସ ଅବଲମ୍ବନ କରିବା ନିମିତ ଗୃହତ୍ୟାଗ କଲେ। ଏହି ସନ୍ୟାସୀଙ୍କ ପୁତ୍ର ସ୍ୱର୍ଗୀୟ ବିଶ୍ୱନାଥ ଦତ୍ତ ହେଉଛନ୍ତି ବିବେକାନନ୍ଦଙ୍କ ଜନକ ଏବଂ ମାତା ଥିଲେ ଭୁବନେଶ୍ୱରୀ ଦତ୍ତ। ଭୁବନେଶ୍ୱରୀ ଦୁଇଟି କନ୍ୟାର ଜନନୀ ହେବାପରେ ପୁତ୍ର କାମନା କରି ଶ୍ରୀ ବିଶ୍ୱେଶ୍ୱରଙ୍କ ନିକଟରେ ପୂଜା ପ୍ରାର୍ଥନା କରିଥିଲେ। ଫଳରେ ସେ ସ୍ୱପ୍ନରେ ଦେଖିଥିଲେ ତୁଷାର ଧବଳ ରଜତ କାନ୍ତିଧାରୀ କୈଳାସେଶ୍ୱର ତାଙ୍କ ସମ୍ମୁଖରେ ଦଣ୍ଡାୟମାନ। ଗର୍ଭ ସଂଚାରରେ ପୌଷ ପାର୍ବଣର ଆନନ୍ଦୋତ୍ସବ ମଧ୍ୟରେ ଜନ୍ମ ନେଇଥିଲେ ବିବେକାନନ୍ଦ। ଅତି ଶୈଶବକାଳରୁ ନରେନ୍ଦ୍ରନାଥ ଚକ୍ଷୁ ଦୁଇଟି ବନ୍ଦ କରିବା ମାତ୍ରେ ଦୁଇ ଭ୍ରୂଲତା ମଧ୍ୟରେ ଗୋଲାକାର ଦିବ୍ୟଜ୍ୟୋତି ଦର୍ଶନ କରୁଥିଲେ। ଦିବ୍ୟଜ୍ୟୋତି ଧ୍ୟାନ ଫଳରେ ମନ ସହିତ ବାସନାର ଦ୍ୱନ୍ଦ ନ ଥିବାରୁ ତାଙ୍କୁ କୌଣସି ଦିନ ଧ୍ୟାନସ୍ଥ ହେବା ପାଇଁ ପ୍ରବଳ ଚେଷ୍ଟା କରିବାକୁ ପଡୁ ନ ଥିଲା। ବାଲ୍ୟକାଳରୁ ଭକ୍ତ ହନୁମାନଙ୍କ ଅଲୌକିକ କାର୍ଯ୍ୟାବଳି ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇ ପର ଜୀବନରେ ଶିଷ୍ୟମାନଙ୍କୁ ମହାବୀରଙ୍କର ଆଦର୍ଶ ଅନୁସରଣ କରିବାକୁ ପରାମର୍ଶ ଦେଉଥିଲେ।

ପିତାମାତାଙ୍କ ସ୍ନେହ-କୋଳରେ ପ୍ରାଚୁର୍ଯ୍ୟ ମଧ୍ୟରେ ନରେନ୍ଦ୍ରନାଥଙ୍କ ଶୈଶବ ଓ କୈଶୋର ଜୀବନ ହସ, ଆନନ୍ଦ ଓ ଖେଳ କୌତୁକରେ କଟିଥିଲା। ତାଙ୍କର ବାଲ୍ୟଜୀବନ ଅଲୌକିକ ବା ଅସାଧାରଣ ନ ହେଲେ ମଧ୍ୟ ଅନୁପମ। ଷୋଳ ବର୍ଷ ବୟସରେ ସେ ଯେପରି ତୀକ୍ଷ୍ଣ ବିଦ୍ୟାବୁଦ୍ଧି, ପ୍ରବଳ ଆତ୍ମନିଷ୍ଠା ଓ ଜ୍ଞାନଜୀବନ ପ୍ରତି ପ୍ରବଳ ଆଗ୍ରହ ଦେଖାଇଥିଲେ, ତାହା ବାସ୍ତବରେ ଦୁର୍ଲଭ। ସେ ବାଲ୍ୟକାଳରୁ ପିତାଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ। ଗୀତ ବାଦ୍ୟରେ ମଧ୍ୟ ଦକ୍ଷତା ଅର୍ଜନ କରିଥିଲେ। ଏପରି ମେଧାବୀ, ତେଜସ୍ୱୀ, ଚଂଚଳ ଚପଳ ବାଳକ ଗୋଟିଏ ଦିଗରେ ଯେପରି ପରିହାସ ରସିକ, କ୍ରୀଡାପ୍ରିୟ ଓ ଉଗ୍ରସ୍ୱଭାବ ଥିଲେ ଅପର ଦିଗରେ ସେହିପରି ଗଭୀର ଚିନ୍ତାଶୀଳ, ଧର୍ମପରାୟଣ, ଦୟାଳୁ ଓ ବନ୍ଧୁବତ୍ସଳ ଥିଲେ। ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇ କଲେଜରେ ପ୍ରବେଶ କରିବା ପରଠାରୁ ଘଟଣାର ଘାତ ପ୍ରତିଘାତ ଫଳରେ ନରେନ୍ଦ୍ରଙ୍କ ସହଜ ଓ ସ୍ୱାଭାବିକ ଜୀବନର ଗୋଟିଏ ବିଚିତ୍ର ରହସ୍ୟମୟ ଜଟିଳ ଅଧ୍ୟାୟ ଆରମ୍ଭ ହେଲା।

୧୮୭୯ ଖ୍ରୀଷ୍ଟାବ୍ଦରେ ମାତ୍ର ଅଠର ବର୍ଷ ବୟସରେ କଲେଜରେ ପ୍ରବେଶ କଲେ। କଲେଜରେ ଥିବା ସମୟରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ସେହି ବର୍ଷ କଲେଜ ଛାଡିଲେ। ପର ବର୍ଷ ସେ ଆସେମ୍ବ୍ଲି ଇନ୍ଷ୍ଟିଚ୍ୟୁସନରେ ନାମ ଲେଖାଇ ପଢିଲେ। ଏକ ସୁଲଭ ଉଦ୍ଧାମ କଳ୍ପନାପ୍ରବଣ ପ୍ରତିଭାର ଅଧିକାରୀ ହୋଇ ନରେନ୍ଦ୍ରନାଥ ନିବିଷ୍ଟ ମନରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରିଥିଲେ। ଏଫ୍.ଏ ପରୀକ୍ଷା ପୂର୍ବରୁ ସେ ମିଲ ପ୍ରମୁଖ ପାଶ୍ଚାତ୍ୟ ନୈୟାୟିକମାନଙ୍କ ମତବାଦ ସହିତ ପରିଚିତ ହୋଇଥିଲେ ଏବଂ ହିଉମ୍ ଓ ହାରବାର୍ଡଙ୍କ ଦାର୍ଶନିକ ଗ୍ରନ୍ଥମାନ ପଢିବାକୁ ଆରମ୍ଭ କରିଥିଲେ।

**ଶ୍ରୀରାମକୃଷ୍ଣଙ୍କ ସାକ୍ଷାତ୍:** ଦିନେ କଲିକତା ଶିମଳାପଲ୍ଲୀରେ ରହୁଥିବା ସୁରେନ୍ଦ୍ରନାଥ ମିତ୍ର ରାମକୃଷ୍ଣଙ୍କୁ ନିଜ ଗୃହକୁ ଡାକି ଆଣିଥିଲେ। ଏକ ଆନନ୍ଦ ଉତ୍ସବର ଆୟୋଜନ କରାଯାଇଥିଲା। ସେ ଦିନ ଜଣେ ସୁକଣ୍ଠ ଗାୟକଙ୍କର ଅଭାବ ହେବାରୁ ସେ ନିଜ ପଡୋଶୀ ନରେନ୍ଦ୍ରନାଥଙ୍କୁ ଡାକିଲେ। ଠାକୁରଙ୍କ ସହିତ ନରେନ୍ଦ୍ରନାଥଙ୍କର ଏହା ଥିଲା ପ୍ରଥମ ସାକ୍ଷାତ୍। ତାଙ୍କର ସୁଲଳିତ କଣ୍ଠରୁ ସଙ୍ଗୀତ ଶୁଣି ଠାକୁର ସମଧିକ ପ୍ରୀତ ହୋଇଗଲେ ଓ ବିଦାୟ ସମୟରେ ତାଙ୍କର ପରିଚୟ ଗ୍ରହଣ କରି ନରେନ୍ଦ୍ରନାଥଙ୍କୁ ଦକ୍ଷିଣେଶ୍ୱର ଯିବା ନିମିତ ଅନୁରୋଧ ଜଣାଇଲେ।

ଏହାମଧ୍ୟରେ ନରେନ୍ଦ୍ରନାଥ ଏଫ୍.ଏ. ପରୀକ୍ଷା ସକାଶେ ବ୍ୟସ୍ତ ରହି ଦକ୍ଷିଣେଶ୍ୱର ଯିବା କଥା ଭୁଲିଗଲେ। ଏଫ୍.ଏ. ପରୀକ୍ଷା ଶେଷ ହେବା ପରେ ତାଙ୍କର ପିତା ବିବାହ କରିବା ପାଇଁ ତାଙ୍କୁ କହିଲେ। ଆଜନ୍ମ ବିବାହ-ବିତୃଷ୍ଣ ନରେନ୍ଦ୍ର ଏ ବିଷୟରେ ଭୀଷଣ ଆପତି ଉଠାଇଲେ। ଶ୍ରୀରାମକୃଷ୍ଣଙ୍କର ଗୃହୀ ଭକ୍ତମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦତ୍ତ ଅନ୍ୟତମ। ସେ ନିୟମିତ ବିଶ୍ୱନାଥଙ୍କ ଗୃହକୁ ଆସୁଥିଲେ। ତାଙ୍କୁ ନରେନ୍ଦ୍ରନାଥ ବିବାହ ପ୍ରତି ବିତୃଷ୍ଣା ବିଷୟରେ ମନ ଖୋଲି କହିଲେ। ରାମଚନ୍ଦ୍ର ନରେନ୍ଦ୍ରନାଥଙ୍କ ଯୁକ୍ତି ଶୁଣିବା ପରେ କହିଲେ, ଯଦି ପ୍ରକୃତ ସତ୍ୟ ଲାଭ କରିବା ପାଇଁ ଇଛା ଥାଏ ତେବେ ବ୍ରାହ୍ମସମାଜ ଇତ୍ୟାଦି ସ୍ଥାନରେ ନ ବୁଲି ଦକ୍ଷିଣେଶ୍ୱର ପରମହଂସ ଦେବଙ୍କ ନିକଟକୁ ଯାଅ। ନରେନ୍ଦ୍ରନାଥ ମନେ ମନେ ଭାବିଲେ ଓ ଦକ୍ଷିଣେଶ୍ୱର ଯିବାର ସମ୍ମତି ପ୍ରକାଶ କଲେ। ଦୁଇ ଚାରି ଜଣ ବନ୍ଧୁଙ୍କ ସହ ଦକ୍ଷିଣେଶ୍ୱରରେ ଉପସ୍ଥିତ ହେଲେ।

ନରେନ୍ଦ୍ରନାଥଙ୍କୁ ଦେଖିବା ମାତ୍ରେ ଜଣେ ଚିରପରିଚିତ ଲୋକପରି ଶ୍ରୀରାମକୃଷ୍ଣ ସରଳଭାବରେ ଆଳାପ କରିବାକୁ ଲାଗିଲେ। ସଙ୍ଗୀତ ଓ କଥୋପକଥନ ଶେଷ ହେବା ପରେ ନରେନ୍ଦ୍ରଙ୍କୁ ଗୋଟିଏ ଏକାନ୍ତ ସ୍ଥାନକୁ ଡାକି ନେଇ ଠାକୁର କହିଲେ, 'ତୁ କିପରି ଏତେ କାଳ ମୋତେ ଭୁଲିଯାଇଥିଲୁ ? ତୁ ଆସିବୁ ବୋଲି ମୁଁ କେତେ ଦିନ ହେଲା ବାଟ ଚାହିଁ ବସିଛି। ବିଷୟୀ ଲୋକମାନଙ୍କ ସହ କଥା କହି କହି ମୋ ମୁହଁ ପୋଡିଗଲାଣି। ଆଜିଠାରୁ ତୋ ଭଳି ଜଣେ ଯଥାର୍ଥ ତ୍ୟାଗୀ ସହିତ କଥା କହି କହି ଶାନ୍ତି ପାଇବି'। ଏହା କହୁ କହୁ ଠାକୁରଙ୍କ ଚକ୍ଷୁ ଅଶ୍ରୁସିକ୍ତ ହୋଇଉଠିଲା। ବିସ୍ମୟ-ବିମିଶ୍ର ବିହ୍ୱଳ ଦୃଷ୍ଟିରେ ନରେନ୍ଦ୍ରନାଥ ଏହି ଅଦ୍ଭୁତ ସନ୍ୟାସୀଙ୍କୁ ଚାହିଁ ରହିଲେ, କଅଣ କହିବେ ଭାବି ପାରିଲେ ନାହିଁ। କ୍ରମଶଃ ସେ ଠାକୁରଙ୍କ ପ୍ରତି ଆକର୍ଷିତ ହୋଇ ଉଠିଲେ। କ୍ରମାଗତ ତିନି ବର୍ଷ ଠାକୁରଙ୍କୁ ନାନା ପ୍ରକାର ପରୀକ୍ଷା କରିସାରିବାପରେ ଶେଷରେ ସମ୍ପୂର୍ଣ୍ଣରୂପେ ଆତ୍ମ ସମର୍ପଣ କରିଦେଲେ। ତଥାପି ସେ ଠାକୁରଙ୍କୁ ଠିକ୍ ଭାବରେ ବୁଝିପାରୁ ନଥାନ୍ତି। ଦିନେ ଉତ୍ସୁକତା ସହକାରେ ଠାକୁରଙ୍କୁ ପ୍ରଶ୍ନ କଲେ, 'ମହାଶୟ ! ଆପଣ କଅଣ ଈଶ୍ୱରଙ୍କୁ ଦେଖିଛନ୍ତି' ? ମୃଦୁ ହାସ୍ୟ ରଞ୍ଜିତ ଠାକୁରଙ୍କର ପ୍ରଶାନ୍ତ ମୁଖମଣ୍ଡଳ ଅପୂର୍ବ ଶାନ୍ତି ଓ ପୂଣ୍ୟ ବୈଭବରେ ଉଦ୍ଭାସିତ ହୋଇ ଉଠିଲା। ସେ ଇତସ୍ତତଃ ନ ହୋଇ ଉତର ଦେଲେ, 'ବତ୍ସ ! ମୁଁ ଈଶ୍ୱର ଦର୍ଶନ କରିଛି। ମୁଁ ତୁମକୁ ଯେପରି ପ୍ରତ୍ୟକ୍ଷ ଦେଖୁଛି ତାହାଠାରୁ ସ୍ପଷ୍ଟତର ଭାବରେ ଈଶ୍ୱରଙ୍କୁ ଦେଖୁଛି'। ନରେନ୍ଦ୍ରଙ୍କ ବିସ୍ମୟକୁ ଶତଗୁଣ ବର୍ଦ୍ଧିତ କରି ପୁଣି କହିଲେ, 'ତୁମେ ଦେଖିବାକୁ ଚାହୁଁଛ ? ତୁମକୁ ମଧ୍ୟ ଦେଖାଇ ଦେଇପାରିବି, ଯଦି ତୁମେ ମୋ କହିବା



ଅନୁସାରେ ଆଚରଣ କର'।

ଏକଦା ବ୍ରାହ୍ମଗଣଙ୍କର ଶ୍ରୀରାମକୃଷ୍ଣଙ୍କ ପ୍ରତି ଅଶୋଭନୀୟ ଆଚରଣରେ ବ୍ୟଥିତ ହୋଇ ନରେନ୍ଦ୍ର ବ୍ରାହ୍ମସମାଜ ପରିତ୍ୟାଗ କଲେ। ବାଲ୍ୟକାଳରୁ ନରେନ୍ଦ୍ରନାଥଙ୍କ ହୃଦୟରେ କୌଣସି ସଂଶୟ ଉପସ୍ଥିତ ହେଲେ ତାହାର ମୀମାଂସା ନ କରିବା ପର୍ଯ୍ୟନ୍ତ ସେ ଶାନ୍ତି ଲାଭ କରୁ ନ ଥିଲେ। ଅହୋରାତ୍ର ଚିନ୍ତା କରି ମଧ୍ୟ ସେ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ କୌଣସି ସିଦ୍ଧାନ୍ତରେ ପହଂଚି ନ ପାରି ଅସ୍ଥିର ହୋଇଉଠିଲେ। ମାତ୍ର ତାଙ୍କର ଆତ୍ମବିଶ୍ୱାସ ଓ ଦୃଢତା ଏପରି ଅନମନୀୟ ଥିଲା ଯେ ସେ ଠାକୁରଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବା ନିମନ୍ତେ ଓ ତାଙ୍କୁ ପରୀକ୍ଷା କରିବା ଲାଗି ତାଙ୍କ ନିକଟକୁ ଗମନାଗମନ କଲେ, ଏପରି କି ଦକ୍ଷିଣେଶ୍ୱରରେ ରାତ୍ରିରେ ମଧ୍ୟ ରହିଲେ। ଥରେ ସନ୍ଧ୍ୟା ସମୟରେ ସନ୍ଧ୍ୟାଆରତି ଘଂଟ ବାଜି ନ ଥାଏ। ଠାକୁର ନରେନ୍ଦ୍ରଙ୍କୁ ଚାହିଁ ହଠାତ୍ ତାଙ୍କ ଆସନରୁ ଉଠି ନରେନ୍ଦ୍ରଙ୍କ କାନ୍ଧ ଉପରେ ନିଜ ଡାହାଣ ଗୋଡକୁ ଥୋଇଦେଲେ। ତତ୍କ୍ଷଣାତ୍ ତାଙ୍କର ଭାବାନ୍ତର ଉପସ୍ଥିତ ହେଲା। ସେ ଅନୁଭବ କଲେ ଯେପରି ତାଙ୍କ ଆଖ ପାଖରେ ଦୃଶ୍ୟମାନ ପଦାର୍ଥଗୁଡିକ ଗୋଟିଏ ଅନନ୍ତ ସତାରେ ବିଲୀନ ହୋଇଯାଉଛି। କେବଳ ସେ ଏକା। ଶେଷରେ ତାଙ୍କ ଅହଂତ୍ୱର ସତା ବିଲୀନ ହେବାକୁ ଆରମ୍ଭ କଲା। ସେ ଭୟ ଓ ବିସ୍ମୟରେ ଚିତ୍କାର କରି କହିଲେ, 'ଆହେ ! ତୁମେ ଏ କ'ଣ କଲ' ? ମୋର ଯେ ବାପା-ମାଆ ଅଛନ୍ତି ଠାକୁର ନରେନ୍ଦ୍ରଙ୍କ ବକ୍ଷରେ ହସ୍ତ ସ୍ପର୍ଶମାତ୍ରେ ପୁନରାୟ ସ୍ୱାଭାବିକ ଅବସ୍ଥା ଫେରିଆସିଲା। ନରେନ୍ଦ୍ରନାଥ ପିତାମାତାଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିବାରୁ ଯେପରି ଠାକୁର ତାଙ୍କୁ ଆଉ ପ୍ରଭାବିତ କରି ନ ପାରନ୍ତି ସେଥିପାଇଁ ସାବଧାନ ରହିଲେ। କ୍ରମଶଃ ତାଙ୍କର ସଂସାର ପ୍ରତି ଅନାସକ୍ତ ଭାବ ଜାଗ୍ରତ ହେଲା।

**ଠାକୁରଙ୍କ ଭବିଷ୍ୟତ୍‌ବାଣୀ, ଲୀଳା ସମ୍ବରଣ ଓ ଅନ୍ତିମ ବାଣୀ:** ଦିନେ ନରେନ୍ଦ୍ରଙ୍କୁ ଦେଖାଇ ଠାକୁର ଉପସ୍ଥିତ ବ୍ୟକ୍ତିମାନଙ୍କୁ କହିଲେ, "ଏହି ଯେଉଁ ପିଲାଟିକୁ ଦେଖୁଛ ସେ ଜନ୍ମ ବେଳରୁ ବ୍ରହ୍ମଜ୍ଞାନୀ- ଏହାଙ୍କ ପରି ପିଲାମାନେ ନିତ୍ୟସିଦ୍ଧ। ଏମାନେ କେବେହେଲେ କାମିନୀ-କାଂଚନ ମାୟାରେ ଆବଦ୍ଧ ହୁଅନ୍ତି ନାହିଁ। ସ୍ୱାମୀ ଯୋଗାନନ୍ଦ ସ୍ୱାମିଜୀଙ୍କ ସମ୍ବନ୍ଧରେ କହିଛନ୍ତି, "ସ୍ୱାମିଜୀଙ୍କ ମଧ୍ୟରେ ଋଷିଙ୍କ ସମାଧି-ତୃଷ୍ଣା, ଶୁକଙ୍କର ମାୟା ଶୂନ୍ୟତା, ଶଙ୍କରଙ୍କ ଜ୍ଞାନ, ନାରଦଙ୍କ ଭକ୍ତି ଏକତ୍ର ମିଳିତ ହୋଇଥିଲା। ସେହି ହେତୁ ଠାକୁର ତାଙ୍କର ଭିନ୍ନ ଭିନ୍ନ ଭାବ ଲକ୍ଷ୍ୟ କରି ଥରକୁ ଥର ଗୋଟିଏ ନାମରେ ଅଭିହିତ କରୁଥିଲେ।" ଏହି ମୀମାଂସା ହିଁ ବିବେକାନନ୍ଦଙ୍କ ପ୍ରତି ସର୍ବାପେକ୍ଷା ଯୁକ୍ତିଯୁକ୍ତ ଓ ସମୀଚୀନ ଅଟେ।

୧୮୮୬ ଖ୍ରୀଷ୍ଟାବ୍ଦ ଜୁଲାଇ ମାସର ଶେଷ ଭାଗ। ଠାକୁରଙ୍କ ଗଳା ରୋଗ କ୍ରମଶଃ ଭୀଷଣ ହେଲା। ଠାକୁର ମୃଦୁ ସ୍ୱରରେ ଫିସ୍ ଫିସ୍ କରି କହିଲେ, "ନରେନ୍ ! ମୋର ପିଲାଏ ରହିଲେ। ତୁ ସମସ୍ତଙ୍କ ମଧ୍ୟରେ ବୁଦ୍ଧିମାନ ଓ ଶକ୍ତିମାନ୍। ଏମାନଙ୍କୁ ରକ୍ଷା କରିବୁ ଓ ସତ୍ ପଥରେ ଚଳାଇବୁ। ମୁଁ ଶୀଘ୍ର ଦେହ ତ୍ୟାଗ କରିବି"।

ଆଉ ଦିନେ ନରେନ୍ଦ୍ରଙ୍କୁ ଡାକି ସଜଳ ନୟନରେ କହିଲେ, "ବାବା ! ଆଜି ତୋତେ ସର୍ବସ୍ୱ ଦେଇ ଫକିର ହେଲି"। ସେ ଦିନ ଥିଲା ୧୮୮୬ ଖ୍ରୀଷ୍ଟାବ୍ଦ ଅଗଷ୍ଟମାସ ଷୋହଳ ତାରିଖ ରବିବାର। ଭକ୍ତବୃନ୍ଦ ଶଯ୍ୟାକୁ ଘେରି ଠିଆ ହୋଇଥାଆନ୍ତି। ନରେନ୍ଦ୍ର ଭାବୁଛନ୍ତି ଯେଉଁ ଶକ୍ତି ଯୁଗେ ଯୁଗେ ଧର୍ମ ସଂସ୍ଥାପନ ଲାଗି କରୁଣାରେ ଅବତୀର୍ଣ୍ଣ ହୁଅନ୍ତି ଶ୍ରୀରାମକୃଷ୍ଣ କଅଣ ତାଙ୍କର ସମଷ୍ଟି ! ସତରେ କଅଣ ଶ୍ରୀରାମକୃଷ୍ଣ ଯୁଗଧର୍ମ ପ୍ରବର୍ତକ ଅବତାର ପୁରୁଷ ? ପରମହଂସ ରାମକୃଷ୍ଣ ଚକ୍ଷୁ ଖୋଲି ନରେନ୍ଦ୍ରଙ୍କୁ ପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲେ, କ'ଣ ନରେନ୍ ! ଏ ପର୍ଯ୍ୟନ୍ତ ବି ତୋ'ର ବିଶ୍ୱାସ ହୋଇ ନାହିଁ ? ଯେ ରାମ, ସେ କୃଷ୍ଣ, ସେହି ଏଥର ଏକାଧାରରେ ଶ୍ରୀରାମକୃଷ୍ଣ, କିନ୍ତୁ ତୋ ବେଦାନ୍ତ ଦିଗରୁ ନୁହେଁ। କ୍ରମେ ବ୍ରାହ୍ମମୂହୁର୍ତ ଉପସ୍ଥିତ ହେବାମାତ୍ରେ ଠାକୁର ମହାସମାଧି ଯୋଗରେ ନଶ୍ୱର ଦେହ ତ୍ୟାଗ କଲେ।

**ସ୍ୱାମିଜୀଙ୍କର ବିଦେଶ ଯାତ୍ରା:** ୧୮୯୩ ଖ୍ରୀଷ୍ଟାବ୍ଦରେ ସ୍ୱାମିଜୀ ସମୁଦ୍ର ପଥରେ ଆମେରିକା ଯାତ୍ରା କଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ଚିକାଗୋ ସହରରେ ଅନୁଷ୍ଠିତ ବିଶ୍ୱଧର୍ମ ମହାସଭାରେ ଯୋଗଦାନ କରିବା। ମାତ୍ର ପ୍ରାଥମିକ ଅବସ୍ଥାରେ ତାଙ୍କର ରହିବାରେ ଅସୁବିଧା ସୃଷ୍ଟି ହୋଇଥିଲା। ତାଙ୍କୁ ଅନେକ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡିଥିଲା। କିନ୍ତୁ ଜଣେ ଅଜ୍ଞାତ ଓ ନିଃସହାୟ ସମ୍ବଳହୀନ ତରୁଣ ସନ୍ୟାସୀ ବାଧା ବିପତି ଅତିକ୍ରମ କରି ସୁଦୂର ଆମେରିକା ଯାଇ ଯେଉଁ ଅଭୂତପୂର୍ବ ସାଫଲ୍ୟ ଅର୍ଜନ କରିଥିଲେ ତାହା ଆଜି ବେଦାନ୍ତରେ ପରିଣତ ହୋଇଛି।

ସ୍ୱାମିଜୀ ନିଜର ସାରଗର୍ଭକ ଭାଷାରେ ପ୍ରାଚ୍ୟର ଦର୍ଶନକୁ ଏପରି ଭାବରେ ପରିବେଷଣ କରିଥିଲେ ଯେ କେବଳ ଯେ ଦର୍ଶକମାନେ ଓ ପାଶ୍ଚାତ୍ୟ ମହାବିଦ୍ୱାନମାନେ ତନ୍ମୟ ହୋଇଥିଲେ ତାହା ନୁହେଁ ସେମାନଙ୍କର ମନରେ ଥିବା ପ୍ରାଚ୍ୟ ଦର୍ଶନର ଭ୍ରମାତ୍ମକ ଧାରଣା ଦୂର ହୋଇ ପାରିଥିଲା। ମହୋଦଧି ସୋସାଇଟିର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଧର୍ମପାଳ ୧୮୯୪ ଏପ୍ରିଲ ମାସ ୧୨ ତାରିଖରେ "ଇଣ୍ଡିଆନ୍ ମିରର" ପତ୍ରିକାରେ ଲେଖିଥିଲେ-" ସ୍ୱାମୀ ବିବେକାନନ୍ଦଙ୍କର ସୁବୃହତ୍ ପ୍ରତିଶ୍ରୁତିଗୁଡିକ ଚିକାଗୋର ରାସ୍ତାଘାଟରେ ଟଙ୍ଗା ହୋଇଛି। ତା' ତଳେ ସନ୍ୟାସୀ ବିବେକାନନ୍ଦ ଲିଖିତ ହୋଇଛି। ହଜାର ହଜାର ବିଭିନ୍ନ ସମ୍ପ୍ରଦାୟର ପଥିକ ଏହି ପ୍ରତିଶ୍ରୁତିଗୁଡିକ ପ୍ରତି ଭକ୍ତିର ସମ୍ମାନ ପ୍ରଦର୍ଶନ କରି ଚାଲିଯାଉଛନ୍ତି"। ସ୍ୱାମିଜୀ ୧୮୯୩-୧୮୯୬ ମସିହା ମଧ୍ୟରେ ଆମେରିକା, ଇଂଲଣ୍ଡ ଓ ଇଉରୋପର ବିଭିନ୍ନ ଦେଶରେ ପରିଭ୍ରମଣ କରି ହିନ୍ଦୁଧର୍ମର ପ୍ରାଚ୍ୟ ଦର୍ଶନର ଯେଉଁ ସୂକ୍ଷ୍ମ ତତ୍ୱ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ ତାହା ଏବେ ବି ପାଶ୍ଚାତ୍ୟ ଦାର୍ଶନିକମାନଙ୍କର ସ୍ମରଣୀୟ ହୋଇ ରହିଛି।

# ନିଆରା ପ୍ରତିଯୋଗିତା

ନରିଆଇ ଚବିଶରେ ଆଉ ହାପିବନି। ଅବିରତ ଭାବରେ ପାଂଚପାଂଚ ଥର ହାରି ସିଏ ତାଳ ପାଇଛି ବୋଲି କହିବୁଲୁଛି। ଗାଁ ଗଣ୍ଡାରେ ପଦଯାତ୍ରା କରିକରି ଚପଲ ଚାରିହଳ ଛିଣ୍ଡେଇଦେଲା ସିନା ଅସଲବେଳକୁ ଗତଥର ନିର୍ବାଚନ ଦିନ କେହି ସାଙ୍ଗରେ ରହିଲେନି। ଓଲଟି କେଇଟା ଖାସ୍‌ଲୋକ ପ୍ରତିବାଦୀ ଦଳର କାଞ୍ଜିଆହତାରେ ମାଉଁସ ଖାଇ ନାଳିପାଣି ପିଇ ନରିଆଇକୁ କହିଲେ ଏଥର ଶୋଇପଡ। ଯାଅ ! ଘୋଡିଘାଡି ହୋଇ ହେଂସତଳେ ଶୋଇଯାଅ। ଆରଥରକୁ ବୁଢାଦେହ ଖରାପ ହେଲେ ଦେଖିବା। ଅବଶ୍ୟ ତୁମ ସାଙ୍ଗରେ ଏତେଦିନ ରହିବା ପରେ ତୁମର ନମକ ଖାଇଥିବାରୁ ଆମକୁ ତୁମର ସୁନିଶ୍ଚିତ ଅମାନତ ଜବତ ହେବା କଥା ଜଳଜଳ ହୋଇ ଦେଖାଯାଉଛି। ଏବେ ଆଉ କିଛି ଉପାୟ ନାହିଁ। ଯେତେ ବୁଝାଅ ଲୋକେ ବୁଝିବାକୁ ନାରାଜ। ମେଂଚଡ ଟୋକାର ମୁଣ୍ଡକୁ ମାନିବାକୁ ହେବ। କି ଜାଦୁ ଜାଣିଛି କେଜାଣି ! ସମସ୍ତଙ୍କୁ ପିଞ୍ଜରା ଭିତରେ ବନ୍ଦକରି ଚାବି ପକେଇ ରଖିଲା ପରି ରଖିଛି। ଖସିଯିବାକୁ ରାସ୍ତା ନାହିଁ। ଏଥର ନରିଆଇ କିନ୍ତୁ ଭେଜା ଖଟେଇଛି। ଭାବିଛି ଆଉ ଭାଇଭତିଜା ବାଦରେ ସଂଗଠନ ଗଢିବନି। ପ୍ରକୃତ ଯୁବା ପ୍ରତିଭା ଅନ୍ୱେଷଣ କରି ତା ମୁଣ୍ଡରେ ଦାୟିତ୍ୱ ଲଦିବ। ସେଥିପାଇଁ ସେ ଏକ ନିଆରା ପ୍ରତିଯୋଗିତା ଆୟୋଜନ କରିଛି। ଗାଁ ପଠା ଖୋଲା ପଡିଆରେ ଆସନ୍ତା ମକର ଦିନ ଅନୁଷ୍ଠିତ ହେବ। ସ୍ଥାନୀୟ ନେତୃବୃନ୍ଦ ସମୂହଙ୍କୁ ନିମନ୍ତ୍ରଣ କରାଯାଇଛି। ସେଠାରେ ଭାଗନେବାକୁ ହେଲେ ହଜାରେ ଟଙ୍କା ସହ ନିଜର ଆଧାର କାର୍ଡର ଏକକିତା ନକଲ ପ୍ରଥମେ ନରିଆଇକୁ ପୈଠ କରିବାକୁ ହେବ। ନରିଆଇ ସେମାନଙ୍କୁ ପ୍ରତିଯୋଗିତାର ନିୟମାବଳୀ ପ୍ରାଞ୍ଜଳ ଭାବରେ ବୁଝାଇ ମୈଦାନକୁ ପଠାଇବେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବ୍ୟକ୍ତିଙ୍କୁ ନିର୍ବାଚନରେ ଲଢୁଥିବା ସାଂସଦ ପ୍ରାର୍ଥୀଙ୍କର ପ୍ରତିନିଧି ଘୋଷଣା କରାଯିବ। ଚତୁର୍ଥ, ପଂଚମ ଓ ଷଷ୍ଠ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀଙ୍କର ପ୍ରତିନିଧି ଘୋଷଣା କରାଯିବ। ସପ୍ତମ, ଅଷ୍ଟମ ଓ ନବମ ସ୍ଥାନରେ ରହିଥିବା ବ୍ୟକ୍ତିବିଶେଷଙ୍କୁ ଜିଲାପରିଷଦ ପ୍ରାର୍ଥୀଙ୍କ ସହ ପ୍ରଚାରକ ପଦବୀ ମିଳିବ। ତା'ପରେ ଦଶମ ଓ ଏକାଦଶ ସ୍ଥାନରେ ରହିଥିବା ପ୍ରତିଯୋଗୀ ସେ ଜିଲାର ପ୍ରତ୍ୟେକ ସଭାସମିତିର ଆୟୋଜନ କରିବେ। ଏହା ଉପରାନ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ଯାହାର ଲକ୍ଷ୍ୟଭେଦ କୌଶଳରେ ନେତୃବୃନ୍ଦ ପ୍ରସନ୍ନ ହେବେ ସେ କାଉନସିଲର୍ ଏବଂ ୱାର୍ଡ ମେମ୍ବର ପ୍ରାର୍ଥୀ ହୋଇପାରିବେ। ଏମିତି ସବୁ ବିରାଟ ବିରାଟ ଫ୍ଲେକ୍ସି ଛକ ଯାଗାରେ ଲାଗିଲା। ପ୍ରତିଯୋଗିତାର ବିଶେଷ ବିବରଣୀ ଏବଂ ଲକ୍ଷ୍ୟଭେଦର ପ୍ରକ୍ରିୟା ଆଦି ନିଜେ ନରିଆଇ ଜଣଜଣ କରି ଗୁପ୍ତ ବୈଠକରେ ବୁଝେଇଦେବେ ବୋଲି ତଳେ ଦ୍ରଷ୍ଟବ୍ୟ ଲେଖାଗଲା।

ଦିନକୁ ଶହ ଶହ ନୌଯବାନ ନରିଆଇ ଘର ବାରଣ୍ଡାରେ ଦୁଇଟା ପାଂଚଶହ ଟଙ୍କିଆ ନୋଟ ସହ ଅଧାର କାର୍ଡ ନକଲ ନେଇ ଧାରଣା ଦେଲେ। ସମସ୍ତଙ୍କୁ ପ୍ରତିଯୋଗିତା ବିଷୟରେ ସମ୍ୟକ୍ ଜ୍ଞାନଦେବା ପରେ ନରିଆଇ ସର୍ପେଶ୍ୱରଙ୍କ ଧଣ୍ଡା ଛୁଆଁଇ ନିୟମ କରିବାକୁ କୁହେ, 'ମୁଁ ଯାହା କହୁଛି, ଏ ବେଲପତ୍ର ଧଣ୍ଡା ଧରି ତୁମେ କୁହ' – "ମୁଁ ଯାହା ନରିଆଇ ମୁହଁରୁ ଶୁଣିଲି ପ୍ରତିଯୋଗିତା ନସରିବା ପୂର୍ବରୁ କାହାକୁ କହିବିନି।" ଯଦି ନିୟମ ଭଙ୍ଗକଲ ତେବେ ନୌହସରାଜା ସର୍ପେଶ୍ୱରଙ୍କ ନାଗ ଗୋଡେଇ ଗୋଡଇେ ଦଂଶିବ। ସହଜିଆ ନିୟମ। କିଏ ବା କାହିଁକି ଏକଥା କାହାକୁ କହିବ। ମକର ପୂର୍ବଦିନ ନରିଆଇ ଶୋଇନି କି ଖାଇବାକୁ ସମୟ ପାଇନି। ପ୍ରବଳ ଭିଡ। ବହୁସଂଖ୍ୟାରେ ପ୍ରତିଯୋଗୀମାନଙ୍କର ସୁଅ ଛୁଟିଲା। ଛତୁଆରେ ଲୁଣଚିମୁଟେ ପକେଇ ଗିଲାସେ ଗିଲାସେ ଗୋଳି ଝଟପଟ ପିଇଦେଇ ସେଇ ପ୍ରତିଯୋଗୀମାନଙ୍କୁ ବୁଝେଇ ବୁଝେଇ ଥକିଗଲା। ଅଂଚଳସାରା ଏକ ଭିନ୍ନ ପ୍ରକାର କୁତୂହଳମୟ ବାତାବରଣ ସୃଷ୍ଟିହେଲା। ଅସଲ ପ୍ରତିଯୋଗିତା ବିଷୟରେ କେବଳ ନରିଆଇ ଜାଣେ ନଚେତ୍ ଯେଉଁମାନେ ହଜାରେ ହଜାରେ ଦେଇ ସେଥିରେ ଭାଗ ନେଉଛନ୍ତି ସେମାନେ ଜାଣନ୍ତି। ନରିଆଇର ସ୍ତ୍ରୀ ବି ଜାଣିନି। ଜାଣିବ କେମିତି ? ନରିଆଇ କହିଲେ ସିନା ଜାଣିବ। ନରିଆଇ କ'ଣ ବୋକା ଯେ ସ୍ତ୍ରୀକୁ କହିବ ! କୌଣସି କଥାକୁ ପ୍ରଘଟ କରିବାର ଥିଲେ ଖାଲି ଜଣେ ସ୍ତ୍ରୀଲୋକକୁ କହି ଶେଷରେ କହିବ ଯେ ଆଉ କାହାରିକୁ ସେ ଏକଥା ଆଦୌ କହିବନି। ବାସ୍ ସେତିକିରେ କାମ ତମାମ ହେଲା ବୋଲି ଜାଣ। ନରିଆଇ ଏସବୁ ଜାଣେ। ତେଣୁ ଏହାକୁ ସେ ନିଜ ଘରେ ବି ଗୁପ୍ତ ରଖିଛି।

ମକରର ତିନିଦିନ ପୂର୍ବରୁ ପଠାରେ ତମ୍ବୁ ଟଣାହେଲା। ଚାରିପଟ ପାଲ ଘେରା ହେଲା। ମଂଚ ତିଆରି କରାଗଲା। ମଂଚସାମ୍ନାରେ ଶହେ ଫୁଟ ଓସାର ଦୁଇଟା ଗାର ତିନିଫୁଟ ଅନ୍ତରରେ ଟଣାହେଲା। ଆଗକୁ ଷାଠିଏ ପାହୁଣ୍ଡ ନରିଆଇ ଚାଲିଲା ପରେ ଆଉ ଶହେଫୁଟର ଗାରଟିଏ ଟାଣିବାକୁ ନିର୍ଦ୍ଦେଶ ଦେଲେ। ସବୁଗାରକୁ ପାଂଚ ଛଅ ଫୁଟ ଅନ୍ତରରେ ଛକି ପକାଗଲା। ଦୂରରେ ଥିବା ଗାରର ଛକି ଉପରେ ଛଅଫୁଟ ଉଚ୍ଚାର ବାଉଁଶ ପୋତାଗଲା। ତା' ଉପରେ ମଣିଷ ମୁଣ୍ଡ ଆକାରର ମାଟିହାଣ୍ଡି ତଳମୁହାଁ କରି ରଖାଗଲା। ଧଳାରଙ୍ଗର ତୂଳିନେଇ ମାଟିହାଣ୍ଡିଗୁଡିକରେ ମଥା, ଆଖି, ନାକ, ପାଟି ଆଦି ଚିତ୍ରକାର ଆଙ୍କିଲେ। ଯେତେସଂଖ୍ୟାରେ ପ୍ରତିଯୋଗୀ ଥିଲେ ସେତେସଂଖ୍ୟାରେ ହାଣ୍ଡି ପ୍ରସ୍ତୁତ କରି ମଂଚତଳେ ରଖାଗଲା। ମକରଦିନ ସକାଳୁସକାଳୁ ଦୁଇଟି ଆନ୍ଧ୍ରଟ୍ରକ ଆସି ମଂଚପାଖରେ ଲାଗିଲା। ପାଲ ଘୋଡାହୋଇଛି ବୋଲି ଭିତରେ କ'ଣ ଅଛି କେହି ଜାଣିପାରୁନାହାନ୍ତି। ଅଗଣିତ ପ୍ରତିଯୋଗୀ। ହଜାରରୁ ବହୁତ ଅଧିକ।

ସମସ୍ତଙ୍କ ପାଇଁ ସେହି ଟ୍ରକରେ କିଛି ଅଛି। ଜଳଖିଆ ତ' ରବିଗୁଡିଆ ଦେବ, ଏଗୁଡା ତେବେ କ'ଣ। ନେତା ଆସିଲେ। ଆସନ୍ତା ପଂଚାୟତ ନିର୍ବାଚନ ବିଷୟରେ କିଛି ଭାଷଣବାଜି ସରିବାପରେ ଦଶଜଣ ବଛାବଛା ସ୍ଥାନୀୟ ନେତା ବିଚାରକ ଆସନ ଅଳଂକୃତ କଲେ। ପ୍ରତିଯୋଗିତାର ଅୟମାରମ୍ଭ ପୂର୍ବରୁ ସେହି ଟ୍ରକ ଦୁଇଟିର ପାଲ ହଟେଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଗୋଟେ ଗୋଟେ କାର୍ଟୁନ ଦିଆଗଲା। କାର୍ଟୁନ୍‌ରେ ଏକ ଟି-ସାର୍ଟ ଥିଲା ଯାହାର ପଛପଟେ ପ୍ରତିଯୋଗୀମାନଙ୍କର କ୍ରମିକ ସଂଖ୍ୟା ଲେଖାଥିଲା। ସେହି ସଂଖ୍ୟା ଦେଖି ମଂଚାସୀନ ବିଚାରକମାନେ ପ୍ରତିଯୋଗୀମାନଙ୍କୁ ନମ୍ବର ଦେବେ। ସମସ୍ତେ ଫଟାଫଟ୍ ଟି ସାର୍ଟ ପିନ୍ଧି ପ୍ରଥମ ଦୁଇଗାର ଭିତରେ ଗୋଟେଗୋଟେ ଛକିଚିହ୍ନ ଉପରେ ଛିଡାହୋଇ ପାଦତଳ ପେଟିର ସାଲୋଟେପ୍ ହଟେଇଲେ। ସେଥିରେ ଯାହା ଥିଲା ଦର୍ଶକମାନେ ଦେଖି ସ୍ତମ୍ଭୀଭୂତ ହୋଇଗଲେ। ସେଥିରେ ଥିଲା କଂଚା ଅଣ୍ଡା। ଏକାଥରେ ପ୍ରାୟ କୋଡିଏ ଜଣ ପ୍ରତିଯୋଗୀ ଛିଡା ହୋଇଥା'ନ୍ତି। ସାମ୍ନାରେ ସେ ବାଉଁଶ ଉପରେ ହାଣ୍ଡିଗୁଡା ଗୋଟେଗୋଟେ ମଣିଷ ମୁଣ୍ଡ ପରି ଦିଶୁଥାଏ। ସମସ୍ତେ ନିଜ ହାତରେ ଗୋଟିଏ ଗୋଟିଏ ଅଣ୍ଡା ଧରି ହାଣ୍ଡି ଉପରକୁ ଲକ୍ଷ୍ୟଭେଦ ମୂଦ୍ରାରେ ଛିଡାହେଲେ। ହୁଇସିଲ୍ ବାଜିଲା ମାତ୍ରେ ଫୋପାଡିଲେ। ଏମିତି ସକାଳୁ ସଞ୍ଜଯାଏଁ ଚାଲିଲା। ଯାହାର ନାକରେ ବାଜିଲା ଦଶ ନମ୍ବର, ଆଖିରେ ବାଜିଲେ ଆଠ ନମ୍ବର। ମଥା କିମ୍ବା ପାଟିରେ ବାଜିଲେ ଛଅ ନମ୍ବର। ବାକି ହାଣ୍ଡିର ଯେକୌଣସି ଜାଗାରେ ବାଜିଲେ ଚାରି ନମ୍ବର। ମୋଟରୁ ନ ବାଜିଲେ ଶୂନ। ଏମିତି ଜଣକା ଦୁଇ ଡଜନ ଅଣ୍ଡା ତାଙ୍କପାଇଁ ଉଦ୍ଦିଷ୍ଟ ହାଣ୍ଡିକୁ ମାରିବେ, ବିଚାରକ ନମ୍ବର ଦେବେ। ପରିଶେଷରେ ହାରାହରି ହିସାବ କରି ବିଜେତାମାନଙ୍କ ସ୍ଥାନ ନିର୍ଦ୍ଧାରଣ କରାଯାଇ ଉପଯୁକ୍ତ ପୁରସ୍କାର ଦିଆଯିବ। ନରିଆଇ ଆଉ କ'ଣ ହାପିବ ? ଆଜିକାଲି ଅଣ୍ଡାମାଡରେ ଯିଏ ପାରଙ୍ଗମ, ସିଏ ତ' ନେତା। ସେପରି କଳାରେ ଧୁରନ୍ଧରଙ୍କୁ ନେଇ ଯଦି ବିରୋଧ କରାଯାଏ, ଜିତିବା ଥୟ ବୋଲି କିଛି ଭାବୁଛନ୍ତି। ଯାହାହେଉ ନା କାହିଁକି ଏପରି ଯୁବା ପ୍ରତିଭା ଅନ୍ୱେଷଣ ଆଗରୁ ବୋଧହୁଏ କେହି କେବେ କରିନଥିବେ। ନରିଆଇକୁ ଗ୍ରିନିଚ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ମିଳିବା ଉଚିତ୍। ସତରେ ଏପରି ଅଣ୍ଡାମାଡ ଓ ଲକ୍ଷ୍ୟଭେଦ ପ୍ରକ୍ରିୟା ନିଶ୍ଚିତ ଭାବରେ ଭିନ୍ନ ଶୈଳୀର ନିଆରା ପ୍ରତିଯୋଗିତା।

# କେନ୍ଦ୍ରାପଡା ବିଡିଓଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ଦେଲା ସରପଞ୍ଚ ସଂଘ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ାରୁ ବଦଳି ହୋଇଥିବା ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ ଗରାପୁର ସ୍ଥିତ ଦି ପ୍ୟାଲେସ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜ୍ୟ ସରପଞ୍ଚ ମହାସଂଘର ସଭାପତି ତଥା କଂସାର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଡିଓ ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଏକ ଫଟୋଚିତ୍ର ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଯୋଗଦେଇଥିବା ସରପଞ୍ଚମାନେ ବିଡିଓଙ୍କ ସମ୍ପର୍କରେ କହିବା ବେଳେ ସେମାନଙ୍କ ଆଖିରୁ ଲୁହ ଗଡି ପଡିଥିଲା। ସରପଞ୍ଚ ଶ୍ରୀ ଜେନା କହିଲେ ବିଡିଓ ଶ୍ରୀ ଦାସ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସମସ୍ତ ସରପଞ୍ଚମାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିରଖି ବିକାଶମୂଳକ କାର୍ଯ୍ୟ କରୁଥିଲେ। ବାତ୍ୟା 'ୟସ' ସମୟରେ ସେ ରାତି ଅନିଦ୍ରା ହୋଇ ଲୋକମାନଙ୍କ ସେବା କରିଥିଲେ। ତାଙ୍କ ଠାରୁ ଆମେ ଜନ ସେବାର ଆଦର୍ଶ ଶିଖିଛୁ। ସମାଜର ନିଷ୍ପେଷିତ ଜନତାଙ୍କ ସେବା କରିବାରେ ତାଙ୍କ ଦୃଷ୍ଟିଭଙ୍ଗୀ ଥିଲା ଅନନ୍ୟ। କେନ୍ଦ୍ରାପଡ଼ା ବ୍ଲକ ପରିସରରେ ଯେଉଁ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ନିର୍ମାଣ ହେଲା ତାହା ସମଗ୍ର ରାଜ୍ୟରେ ବିରଳ। ତାଙ୍କ ସମୟରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ଅଙ୍ଗନୱାଡି ସୌନ୍ଦର୍ଯ୍ୟକରଣ ପ୍ରଭୃତି କାର୍ଯ୍ୟ ଆରମ୍ଭ ହୋଇଥିଲା। ସେ ବିକାଶମୂଳକ କାର୍ଯ୍ୟର ଯେଉଁ ଛାପ ଛାଡି ଯାଇଛନ୍ତି ତାହା କେନ୍ଦ୍ରାପଡ଼ା ବ୍ଲକ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। କେନ୍ଦ୍ରାପଡା ବ୍ଲକକୁ ସାରା ଜିଲ୍ଲାରେ ଏକ ନମ୍ବର ବ୍ଲକ ଭାବେ ଗଢି ତୋଳିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ବଦଳି ଦ୍ୱାରା କେନ୍ଦ୍ରାପଡା ବ୍ଲକରେ ପ୍ରଗତିର ଗତିରୋଧ ହେଲା ବୋଲି ସରପଞ୍ଚମାନେ କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ କେଶପୁର ସରପଞ୍ଚ ପୂର୍ଣ୍ଣେନ୍ଦୁ ପ୍ରେମାନନ୍ଦ ଘଡ଼ାଇ ଯୋଗଦେଇ କହିଲେ ବିଡିଓ ଶ୍ରୀ ଦାସଙ୍କ ଅମଳରେ ଆମ ପଞ୍ଚାୟତରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। କେବଳ ଆମ ପଞ୍ଚାୟତ ନୁହେଁ କେନ୍ଦ୍ରାପଡ଼ା ବ୍ଲକରେ ଥିବା ୨୭ଟି ଯାକ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ହୋଇଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭରତପୁର ସରପଞ୍ଚଜୀନତ ପ୍ରିୟଦର୍ଶିନୀ ରାଉତ, କପାଳେଶ୍ୱର ସରପଞ୍ଚ ଗାୟତ୍ରୀ ମହାନ୍ତି, ଚକ୍ରୋଡ଼ା ସରପଞ୍ଚ ବସନ୍ତ କୁମାର ରାଉତ, ଆୟବା ସରପଞ୍ଚ ଗଗନ ବିହାରୀ ସାହୁ, କୋର ସରପଞ୍ଚ ତଅପୋଇ ମଳିକ, ପୁରୁଷୋତ୍ତମପୁର ସରପଞ୍ଚ ରମେଶ ଚନ୍ଦ୍ର ସାହାଣୀ, କୁତରଙ୍ଗ ସରପଞ୍ଚ ସୀତାସୁନ୍ଦରୀ ମଳିକ, ନିକିରାଇ ସରପଞ୍ଚ ସନତ କୁମାର ଜେନା, ଗୁଲନଗର ସରପଞ୍ଚ ପୀତବାସ ବେହେରା, କଳପଡ଼ା ସରପଞ୍ଚ ନିତ୍ୟାନନ୍ଦ ସେଠୀ, ପଳସିଂହା ସରପଞ୍ଚ କାଦମ୍ବିନୀ ମହାପାତ୍ର, ସାନମାଣିତିଆ ସରପଞ୍ଚ କମଳା ଗିରି, ଗାଙ୍ଗପଡ଼ା ସରପଞ୍ଚ ଲକ୍ଷ୍ମୀପ୍ରିୟା ରାଉତ, ଜମଧର ସରପଞ୍ଚ ସୁଷମା ଦାସ, ଓସ୍ତପୁର ସମିତି ସଭ୍ୟ ପ୍ରସନ୍ନ ରାଉତ, କଳପଡ଼ା ସମିତି ସଭ୍ୟା ମାନିନୀ ମଳିକ, ଘାଘରା ସରପଞ୍ଚରବି ମଳିକ, ଢୋଳ ସରପଞ୍ଚଝୁନା ମଳିକ ପ୍ରମୁଖ ବହୁ ସରପଞ୍ଚଙ୍କ ସମେତ ଯୁବନେତା ନରୋତ୍ତମ ମଳିକ, ଅଜିତ କୁମାର ମହାପାତ୍ର, ଦିଲୀପ ରାଉତ, କଳାକାର ମଳିକ ପ୍ରମୁଖ ଯୋଗଦେଇ ବିଡିଓ ଶ୍ରୀ ଦାସଙ୍କୁ ଅଶ୍ରୁଳ ନୟନରେ ବିଦାୟ ଜଣାଇଥିଲେ।

# କମ୍ୟୁନିଷ୍ଟ ପାର୍ଟିର ୯୭ତମ ପ୍ରତିଷ୍ଠା ଦିବସ




କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସି.ପି.ଆଇ.)ର ୯୭ତମ ପ୍ରତିଷ୍ଠା ଦିବସ କେନ୍ଦ୍ରାପଡା ଜୋନ କମିଟିର ତୁଣ୍ଡୁପୁରଠାରେ ସାଥି ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ପୂର୍ବରୁ ୧୯୨୫ ଆଜି ଦିନରେ ଗଠିତ ହୋଇଥିବା କମ୍ୟୁନିଷ୍ଟ ପାର୍ଟି ଦେଶ ସ୍ୱାଧୀନତାରେ ଅଂଶ ଗ୍ରହଣ କରି ଅନେକ ସଂଗ୍ରାମୀ ସାଥିଙ୍କର ଜୀବନଦାନ ପରେ ଦେଶକୁ ସ୍ୱାଧୀନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦେଶ ସ୍ୱାଧୀନ ପରେ ରାଜା- ଜମିଦାର ଦେଶ ସହିତ ମିଶ୍ରଣ ପାଇଁ ସ୍ୱତନ୍ତ୍ର ସଂଗ୍ରାମ ତେଲେଙ୍ଗାନା ଠାରୁ ପଣ୍ଡିଚେରୀ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ସଂଗଠିତ ହୋଇ ଥିଲା। ୮୦ଦଶକରେ ଲଙ୍ଗଳ ଯା'ର ଜମି ତା'ର ଡାକରାରେ ସମସ୍ତ ଚାଷୀଙ୍କୁ ସଂଗଠିତ କରି ଭୂମି ଦଖଲ କରିବାରେ ଅନେକ କମ୍ୟୁନିଷ୍ଟ କର୍ମୀ ଜୀବନ ଦାନ କରିଛନ୍ତି। ତଥାପି ସଂଗ୍ରାମ ସରିନାହିଁ। ବ୍ୟାଙ୍କ ଜାତୀୟ କରଣ ଠାରୁ ଆରମ୍ଭ କରି ରାଷ୍ଟ୍ରାୟତ ଉଦ୍ୟୋଗ ପ୍ରତିଷ୍ଠା କରିବା, ଶିକ୍ଷକମାନଙ୍କୁ ଡାଇରେକ୍ଟ ପେମେଣ୍ଟ ସବୁ କମ୍ୟୁନିଷ୍ଟ ପାର୍ଟିର ସଂଗ୍ରାମର ଫଳ। ଏକବିଂଶ ଶତାଦ୍ଦିର ପ୍ରଥମାର୍ଦ୍ଧରେ ସୂଚନା ଅଧିକାର ଆଇନ, ଶିକ୍ଷା ଅଧିକାର ଭଳି ଯୁଗାନ୍ତକାରୀ ଆଇନ ଆଣିବା ମନରେଗା(ଏମ.ଜି.ଏନ.ଆର.ଜି.ଏସ.)କୁ କାର୍ଯ୍ୟକାରୀ କରିବାରେ କମ୍ୟୁନିଷ୍ଟ ପାର୍ଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ୯୭ବର୍ଷରେ ଆସିଛି ଲଢାଇ ଜୋରଦାର କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସି.ପି.ଆଇ. ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସହ ସମ୍ପାଦକ ଆଦିକନ୍ଦ ରାଉଳ, ଶିକ୍ଷକନେତା ବସନ୍ତ କୁମାର ବାରିକ, ମନୋଜ କୁମାର ଓଝା, ଅମରେନ୍ଦ୍ର କୁମାର ଦାସ, ବୀଣାପାଣୀ ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଘଷିପୁରା ବ୍ଲକ ବିଜେଡି ପକ୍ଷରୁ ୨୫ତମ ପ୍ରତିଷ୍ଠା ଦିବସ ପାଳିତ

ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ବିଜେଡି ପକ୍ଷରୁ ୨୫ତମ ବିଜେଡି ପ୍ରତିଷ୍ଠା ଦିବସ ପବିତ୍ର କୁଶଳେଶ୍ୱର ପୀଠ ଦେଓଗାଁଠାରେ ପାଳିତ ହୋଇଯାଇଛି। ମହିଳା, ଯୁବ ଏବଂ ଛାତ୍ର ବିଜୁ ଜନତା ଦଳର ସମସ୍ତ କର୍ମୀ ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ। ଘଷିପୁରା ବ୍ଲକ ବିଜେଡି ସଭାପତି ବାବୁଲା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦୁଝର ଜିଲ୍ଲା ଓକିଲ ସଂଘ ସଭାପତି ଆଶିଷ ଚକ୍ରବର୍ତ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଘଷିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ବରିଷ୍ଠ ସାମ୍ବାଦିକ ତଥା ମଦନପୁର ପଂଚାୟତର ପୂର୍ବତନ ସରପଂଚ ପରେଶ କୁଅଁର, ଘଷିପୁରା ବ୍ଲକ ଯୁବ ବିଜେଡି ଅଧ୍ୟକ୍ଷ ଦେବଦତ୍ତ ନାୟକ, ଛାତ୍ର ବିଜେଡି ଅଧ୍ୟକ୍ଷ ସୌମ୍ୟ ରନ ବଳ, ଛାତ୍ର ବିଜେଡି ସମ୍ପାଦକ ଦେବବ୍ରତ ବେହେରା, ବ୍ଲକ ଆଇ.ଟି. କୋର୍ଡିନେଟର ଲାଲମୋହନ ସା, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ରାଜୁ ରାଉତ, କୃଷକ ନେତା କୃଷ୍ଣ ରାଉତ, ବରିଷ୍ଠ ବିଜେଡି ନେତା ମଦନ ମୋହନ ସାହୁ, ବଳରାମ ବେହେରା, ଦେବେନ୍ଦ୍ର ଦାସ,ସୁଦୀପ ସାହୁ, ସବ୍ୟସାଚୀ ନାୟକ, ସୌମ୍ୟ ରନ ନାୟକ,ସାଇଁକୁଳ ସରପଂଚ ନଣ୍ଡା ନାୟକ, ବଳରାମପୁର ବିଜେଡି ସରପଂଚ ପ୍ରାର୍ଥୀ ବଳରାମ ସାହୁ, ଗୋପୀନାଥ ସ୍ୱାଇଁ, ନନ୍ଦକିଶୋର ବେହେରା ପ୍ରମୁଖ ବିଜେଡିର ପଞ୍ଚବିଂଶ ସ୍ୱନକ୍ଷତ୍ର ଉତ୍ସବରେ ଉପସ୍ଥିତ ରହିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ପ୍ରତିଷ୍ଠା ଦିବସରେ ଦଳର ସଫଳତାକୁ ପରବର୍ତ୍ତି ସ୍ତରକୁ ନବା ପାଇଁ ନେତା ଓ କର୍ମୀମାନେ ସଙ୍କଳ୍ପ ନେବା ସହ ଜନ ସେବାକୁ ରାଜନୀତର ମୂଳମନ୍ତ୍ର ଭାବେ ଗ୍ରହଣ କରି କାମ କରିବାକୁ କର୍ମୀମାନେ ଶପଥ ନେଇ କାମ କରିବାକୁ କହିଥିଲେ। ଏହାସହ ଆଗାମୀ ପଂଚାୟତ ନିର୍ବାଚନରେ ବ୍ଲକର ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେଡିର ବରିଷ୍ଠ କର୍ମକର୍ତ୍ତା ତଥା ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ରାଧା ଭୂୟାଁ, ଦେବ ଭୂୟାଁ, ଟିକିଆ ପଣ୍ଡା, ଭୂପତି ରାଉତ, ବାପି ଭୂୟାଁ, ଦେବେନ୍ଦ୍ର ଦାଶ, ପ୍ରଦୀପ ପଣ୍ଡା, ତପନ ସାହୁ, ଜଗବନ୍ଧୁ ପଣ୍ଡା, ରାଜୁ ଜେନା, ପିନୁ ଦାଶ,ସିପୁ ରାଉତ, ଦେବାଶିଷ ବାରିକ, ଅନୱାର ମହମ୍ମଦ, ଖଗେଶ୍ୱର ଖଟୁଆ, ବିଶ୍ୱଜିତ ଦାସ, ବାବୁଲି ପଲେଇ ଓ ଶାହାଜାନ ମହମ୍ମଦ ପ୍ରମୁଖ ବିଜେଡିର ଛାମୁଆଁ କର୍ମୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୨୮

# ତମାଖୁ ପ୍ରେମରେ ନିଶାଗ୍ରସ୍ତ ଯୁବ ପିଢ଼ୀ



କିଶୋର ଚନ୍ଦ୍ର ବେହେରା

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଦ୍ୱାରା ପାଳନ କରାଯାଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ବିଶ୍ୱ ଏଡ୍ସ ଦିବସ ଓ ବିଶ୍ୱ ରକ୍ତ ଦାନକାରୀ ଦିବସ ଆଦିସ୍ୱାସ୍ଥ୍ୟ ସଚେତନତା ଦିବସମାନଙ୍କ ମଧ୍ୟରୁ ବିଶ୍ୱ ତମାଖୁହୀନ ଦିବସ ଅନ୍ୟତମ । ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ବା 'ୱାର୍ଲଡ୍ ? ନୋ ଟବାକୋ ଡେ' ଭାବେ ପାଳନ କରାଯାଏ। ଲୋକଙ୍କୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ କିଛି ଲୋକ ଜାଣିଶୁଣି ଏହାକୁ ସେବନ କରୁଛନ୍ତି, ଆଉ କିଛି ଲୋକ ସଚେତନତାର ଅଭାବ ଯୋଗୁଁ ତମାଖୁର ଖରାପ ପ୍ରଭାବ ବିଷୟରେ ଜାଣି ନ ପାରି ସେବନ କରୁଛନ୍ତି । ଫଳରେ ସାରା ବିଶ୍ୱରେ ଫୁସ୍‌ଫୁସ୍ ? କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାର ଲାଗିଛି । ତେବେ ଏଥିରୁ ମନୁଷ୍ୟ ଜାତିକୁ ରକ୍ଷା କରିବା ପାଇଁ ପ୍ରତି ବର୍ଷ ବିଶ୍ୱ ବ୍ୟାପୀ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି। ତମାଖୁ ଦୁଇ ପ୍ରକାର ବ୍ୟବହାର ହୋଇଥାଏ। ଗୋଟିଏ ଧୂଆଁ ମାଧ୍ୟମରେ ଯେପରିକି ସିଗାରେଟ୍, ଗଞ୍ଜେଇ ଓ ବିଡ଼ି ଗୋଟିଏ ପ୍ରକାର ହୋଇଥିବାବେଳେ ଗୁଟ୍‌ଖା, ଜର୍ଦ୍ଦା, ଗୁଣ୍ଡିକୁ , ଖଇନ ,ଦୋକଦା ଓ ନାଶ ଭଳି ପଦାର୍ଥ ଚୋବାଇ ଲୋକମାନେ ବ୍ୟବହାର କରିଥାନ୍ତି। ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଥାଏ। ତହିଁରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ। ତମାଖୁ ସେବନ ଦ୍ୱାରା ମୁଖ୍ୟତଃ ଫୁସ୍ ?ଫୁସ୍ ?, ମୁଖଗହ୍ୱର, ଜିହ୍ୱା କର୍କଟ ରୋଗ ଦେଖାଦେଇଥାଏ। ମହିଳାମାନେ ତମାଖୁ ସେବନ କରିବା ଦ୍ୱାରା ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଓ ଜୀବନ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ମଧ୍ୟ ଜନ୍ମ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୮୭ରେ ପ୍ରଥମ ଥର ପାଇଁ ବିଶ୍ୱ ତମାଖୁ ଦିବସ ପାଳନ କରାଯାଇଥିଲା।

ତମାଖୁ ସେବନ ଯୋଗୁଁ ମୃତ୍ୟୁହାରର ଅହେତୁକ ବୃଦ୍ଧି ହେତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଦିବସ ପାଳନ ପାଇଁ ଘୋଷଣା କରିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତିବର୍ଷ ତମାଖୁ ସେବନ ଦ୍ୱାରା ୭୦ ଲକ୍ଷ ଲୋକ କର୍କଟ ତଥା ମୁଖଗହ୍ୱର କର୍କଟରେ ପୀଡିତ ହୋଇଥାନ୍ତି। ଅନ୍ୟପଟେ କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ। ଯାହାଫଳରେ ବ୍ୟକ୍ତି ମୃତ୍ୟୁମୁଖରେ ପଡ ?। ଏ ଦୃଷ୍ଟିରୁ ଏହାକୁ 'ନିରବ ଘାତକ' ବୋଲି ମଧ୍ୟ କୁହାଯାଏ। ଏହି ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ' ଶିଶୁ ମାନଙ୍କୁ ତମାଖୁ ଶିଳ୍ପ ଠାରୁ ଦୂରରେ ରଖି ସୁରକ୍ଷା ଦେବା' ।ପରୋକ୍ଷ ଭାବରେ ତମାଖୁ ଧୂଆଁ ସଂସ୍ପର୍ଶରେ ଆସିବା ଫଳରେ ହୃଦରୋଗ, କର୍କଟ ଏବଂ ଅନ୍ୟାନ୍ୟ ରୋଗର କାରଣ ହୋଇଥାଏ। ଏହା ଆହୁରି ମଧ୍ୟ ସ୍ୱାସ୍ଥ୍ୟ ଉପରେ ବିଶ୍ୱରେ ତମାଖୁର ଖରାପ ପ୍ରଭାବ ଉପରେ ଜନସଚେତନତା ତିଆରି କରିବାକୁ ପାଳନ କରାଯାଇଥାଏ ଯାହା ଏବେ ପୃଥିବୀରେ ବାର୍ଷିକ ୫୪ ଲକ୍ଷ ମରଣର କାରଣ ସାଜିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୯୮୭ରେ ବିଶ୍ୱ ତମାଖୁହୀନ ଦିବସ ପ୍ରଥମକରି ଆରମ୍ଭ କରିଥିଲେ । ଗତ ୨୦ ବର୍ଷ ଧରି, ଏହି ଦିବସ ସରକାର, ସାମାଜିକ ସ୍ୱାସ୍ଥ୍ୟ ସଙ୍ଗଠନ, ଧୂମପାନକାରୀ, ତମାଖୁ ଚାଷୀ ଓ କାରଖାନାମାନେ ଏହି ଦିବସ ସପକ୍ଷ ଓ ବିପକ୍ଷରେ ମତ ଦେଇଛନ୍ତି । ଏକ ରିପୋର୍ଟ ଅନୁସାରେ ପ୍ରତି ବର୍ଷ ତମାଖୁ ସେବନ କାରଣରୁ ଆଠ ନିୟୁତରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଥାନ୍ତି। ଧୂମପାନ କରୁନଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଏହା ମାରାତ୍ମକ ହୋଇପାରେ।

ଚଳଚିତ୍ରର ଆରମ୍ଭ ପୂର୍ବରୁ କିମ୍ବା ଟେଲିଭିଜନରେ ବିଭିନ୍ନ ସମୟରେ ଏକ ବାର୍ତ୍ତା ଆସିଥାଏ ଯେ 'ତମାଖୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ'। ଟିଭି, ପୋଷ୍ଟର, ବ୍ୟାନର ମାଧ୍ୟମରେ ସବୁବେଳେ ତମାଖୁ କ୍ଷତିକାରକ ଗୁଣ ସମ୍ପର୍କରେ ସଚେତନ କରାଯାଏ। ଏହି ସଚେତନତା ଅଭିଯାନକୁ ଆହୁରି ମଜଭୁତ କରିବା ପାଇଁ ପ୍ରତିବର୍ଷ ମେ' ୩୧ରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଏ। ଏହା ମାଧ୍ୟମରେ ତମାଖୁ ସେବନ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ତମାଖୁ ଆମ ପାଇଁ କିପରି ସାଂଘାତିକ ହୋଇପାରେ ସେ ବିଷୟରେ ଲୋକଙ୍କୁ କୁହାଯାଏ। ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମନଙ୍କରେ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀଙ୍କୁ ତମାଖୁ ଠାରୁ ଦୂରରେ ରଖିବା ସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଂସ୍ଥା ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ' ନିଶା ମୁକ୍ତ ଅଞ୍ଚଳ' ଘୋଷଣା କରିବା ନିମନ୍ତେ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ତାହା ଆଶାନୁରୂପକ ସଫଳ ହୋଇପାରୁନାହିଁ। ଶିକ୍ଷାନୁଷ୍ଠାନ ପାରିପାର୍ଶ୍ୱିକ ଅଞ୍ଚଳ ଗୁଡିକରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଏନ୍. ସି. ସି. ଓ ସ୍କାଉଟ ଗାଇଡି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା ଶିବିର, ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା ଏବଂ ପ୍ରତ୍ୟେକ ଗୃହ କର୍ତ୍ତାଙ୍କ ସ ?ହ ଯୋଗାଯୋଗ ସ୍ଥାପନ କରାଗଲେ ମଧ୍ୟ ସଂପୂର୍ଣ୍ଣ ଭାବେ ବନ୍ଦ ହେବା କଷ୍ଟକର ହୋଇ ପଡୁଛି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ। ଏକ ସରକାରୀ ସର୍ବ ?କ୍ଷଣ ସଂସ୍ଥା ବିବରଣୀ ଅନୁଯାୟୀ ଓଡ଼ିଶାରେ ପ୍ରାୟ ଶତକଡା ଅଣତିରିସ ଭାଗ ଯୁବପିଢି ପ୍ରତ୍ୟେକ ଦିନ ତମାଖୁ ସେବନ କରୁଥିଲା ବେଳେ ଶତକଡା ପାଞ୍ଚ ଭାଗ ଯୁବକ ସାମୟିକ ଭାବେ ବ୍ୟବହାର କରିଥାନ୍ତି। ସର୍ବମୋଟ ଚଉତିରିଶ ଭାଗ ମଧ୍ୟରୁ ସେଥି ମଧ୍ୟରୁ ଶତକଡ଼ା ବାଇଶି ଭାଗ ପୁରୁଷ ଥିଲାବେଳେ ଶତକଡା ବାର ଭାଗ ମହିଳା ଅଟନ୍ତି। ବିଶେଷ କରି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ଯୁବ ଗୋଷ୍ଠୀ ମାନେ ଅଧିକ ତମାଖୁ ଜାତ ଦ୍ରବ୍ୟର ବ୍ୟବହାର କରିଥାନ୍ତି। ସଚେତନତା ଉଦ୍ୟମ ଯୋଗୁଁ ପ୍ରାୟ ଚାଳିଶ ଶତକଡା ଚାଳିଶ ଭାଗ ଓଡ଼ିଶା, ଜାମ୍ମୁ ଓ କାଶ୍ମୀରରେ ହ୍ରାସ ପାଇଥିବାର ସର୍ବ ?କ୍ଷଣ ସଂସ୍ଥାରେ କାର୍ଯ୍ୟ କରୁଥିବା ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି। ବିପୁଳ ପରିମାଣର ବ୍ୟବହାର ହେଉଥିବା ମାଦକ ଦ୍ରବ୍ୟକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଉଦ୍ୟମ ସଦାସର୍ବଦା ଚେଷ୍ଟା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ବ୍ୟବହାରକାରୀ ନିଜକୁ ଆତ୍ମସମୀକ୍ଷା କରି ସେଥିରୁ ନିବୃତ୍ତ ହୁଅନ୍ତି ତେବେ ଏକ ଜନ ମଙ୍ଗଳ ରାଷ୍ଟ୍ର ଗଠନ ହୋଇପାରିବ।

*ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ*
*ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*
*ଯୋଗାଯୋଗ ୯୪୩୭୯୫୫୫୬*

# ୨୦୨୪ ସିଂହାସନ - ସୁନା କଳସ କାହା ମୁଣ୍ଡରେ

୨୦୨୪ ସିଂହାସନ ପାଇଁ ଚାଲିଛି କସରତ। ମେ ୨୫ ତାରିଖ ସୁଦ୍ଧା ଦେଶ ବ୍ୟାପି ଷଷ୍ଠ ପର୍ଯ୍ୟାୟ ଭୋଟଗ୍ରହଣ ଶେଷ ହୋଇଥିବାବେଳେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି । ଏହି ନିର୍ବାଚନ ପ୍ରକ୍ରିୟା ଜୁନ୍ ୧ ତାରିଖରେ ଶେଷ ହେବ ଓ ଜୁନ ୪ ତାରିଖରେ ଭୋଟ ଗଣତି ହେବ । ଏପର୍ଯ୍ୟନ୍ତ ବିଶେଷ କରି ଶନିବାର ହୋଇଥିବା ନିର୍ବାଚନରେ ଅନେକ ହେଭିୱେଟ୍ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି । ଚଳିତ ଥର ନିର୍ବାଚନରେ ଓଡିଶାରେ ପ୍ରଥମ ଥର ପାଇଁ ସରକାର ଗଢିବାକୁ ଦାବି କରୁଅଛି । ଏହି ଦଳ ପ୍ରାୟ ୭୫ଟି ଆସନରେ ବିଜୟୀ ହେବ ବୋଲି କହୁଛି । ସେହିପରି ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ବିଜେଡି ନେତା ଭିକେ ପାଣ୍ଡିଆନ ଏଥର ବିଜେଡିର ବଡ ବିଜୟ ହେବ ବୋଲି କହୁଥିବା ବେଳେ ଏହି ଦଳ ତିନିଚତୁର୍ଥାଂଶ ସ୍ଥାନ ଅଧିକାର କରିବ ବୋଲି କହୁଛି । ସେହିପରି କଂଗ୍ରେସ ତାର ପୂର୍ବସ୍ଥିତିରେ ସୁଧାର ଆଣିବ ବୋଲି ଆଶା ରଖିଛି । ନିର୍ବାଚନ ପ୍ରକ୍ରିୟା ଶେଷ ହେବାକୁ ଆଉ ଗୋଟିଏ ପର୍ଯ୍ୟାୟ ବାକିଥିବା ବେଳେ ୨୦୨୪ ସିଂହାସନ ଓଡିଶାରେ କାହାର ହେବ ତାକୁ ନେଇ ଅନେକ କଳ୍ପନା ଜଳ୍ପନା । ଚାଖଟି ଠାରୁ ପାନ ଦୋକାନ ର୍ସସାଧାରଣ ଛକ ହୋଟେଲ ପାର୍କ ଓ ରାସ୍ତାଘାଟରେ ସବୁଠି ନିର୍ବାଚନୀ ଆଲୋଚନା । କିଏ ଜିତିବ , କିଏ ହାରିବ , ଓ କେଉଁ ଦଳ କେତେ ଆସନରେ ବିଜୟୀ ହେବ ଏହାକୁ ନେଇ ସବୁଠି ଚର୍ଚ୍ଚା । ଆମ ରାଜ୍ୟ କଥା ବିଚାରକୁ ନେଲେ ଗୋଟିଏ ପଟେ ମୋଦୀଙ୍କ ଗ୍ୟାରେଣ୍ଟି ,ଓଡିଆ ଅସ୍ମିତା ଓ ରତ୍ନଭଣ୍ଡାର ଚାବିକୁ ନେଇ ଢେର ଆଲୋଚନା । ସେହିପରି ନବୀନଙ୍କ ଲୋକପ୍ରିୟତା , ମାଗଣା ବିଜୁଳି ବିଲ୍ ଓ ରାଜ୍ୟର ବିକାଶ ପ୍ରସଙ୍ଗରେ ଅନେକ ଆଲୋଚନା। ତେବେ ୨୦୨୪ରେ ଓଡିଶାରେ କିଏ ଗଢିବ ସରକାର ଏହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି !

ନିର୍ବାଚନ ଗଣତି ପୂର୍ବରୁ ବିଭିନ୍ନ ତାରିଖରେ ହୋଇଥିବା ମତଦାନ ଓ ଭୋଟରଙ୍କ ମୁଡ କଣ ରହିଛି ତାହା ଜାଣିବା କଷ୍ଟକର । ତଥାପି ଆମ ରାଜ୍ୟ କଥା ଆଲୋଚନା କଲେ ନିର୍ବାଚନରେ ଜିତିବା ପାଇଁ ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ବିଜେଡି ଓ ଅନ୍ୟାନ୍ୟ ଦଳ ସେମାନଙ୍କର ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି । କିନ୍ତୁ ପ୍ରକୃତ ଲଢେଇ ତିନି ପ୍ରମୁଖ ଦଳମଧ୍ୟରେ ହେବ । ବିଶେଷ କରି ଶେଷ ହୋଇଥିବା ତୃତୀୟ ପର୍ଯ୍ୟାୟ ଲଢେଇରେ ଅଛନ୍ତି ବହୁତ ହେଭିୱେଟ୍ ପ୍ରାର୍ଥୀ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡି ସଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଭର୍ତ୍ତୃହରି ମହତାବ, ସମ୍ବିତ ପାତ୍ର, ଅରୂପ ପଟ୍ଟନାୟକ, ଅପରାଜିତା ଷଡଙ୍ଗୀ, ସଂତୃପ୍ତ ମିଶ୍ର, ଦେବୀ ମିଶ୍ର , ପ୍ରସନ୍ନ ଆଚାର୍ଯ୍ୟ, ଜୟନାରାୟଣ ମିଶ୍ର ବଦ୍ରୀନାରାୟଣ ପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ସଞ୍ଜୟ ଦାସବର୍ମା। ଓ ସୌମ୍ୟରଞ୍ଜନ ପଟ୍ଟନାୟକ । ଏମାନଙ୍କ ମଧ୍ୟରୁ ଅନ୍ୟତମ । ଏବେ ଅସିବା ଏହି ପର୍ଯ୍ୟାୟରେ ଥିବା ଲୋକସଭା ଆସନ ହେଭିୱେଟ ପ୍ରାର୍ଥୀ ଯେଉଁମାନଙ୍କ ଜିତିବା ହାରିବା ସେମାନଙ୍କ ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବ । ତେଣୁ ଦିନରାତି ଏକାକାର କରି ସେମାନେ ବାଜିମାତ୍ କରିବାକୁ ଲାଗିପଡିଛନ୍ତି । ଦଳୀୟ ମୁଖିଆଙ୍କ ନିର୍ବାଚନୀ ଗ୍ୟାରେଣ୍ଟି ଓ ତାଙ୍କର ଫେସ୍ ଭାଲ୍ୟୁକୁ ସେମାନେ ମୁଖ୍ୟ ଆଧାର କରିଛନ୍ତି । ବିଶେଷ କରି ବିଜେଡି ପାଇଁ, ନବୀନ ମ୍ୟାଜିକ୍ ଓ ବିଜେପି ପାଇଁ ମୋଦି ଗ୍ୟାରେଣ୍ଟି ସେମାନଙ୍କୁ ନିର୍ବାଚନ ବୈତରଣୀ ପାର କରିବ ବୋଲି ସଂସଦୀୟ କ୍ଷେତ୍ରପ୍ରାର୍ଥୀମାନେ ଆଶା ରଖିଛନ୍ତି । ଏଥି ସହିତ କଂଗ୍ରେସର ବି ଗ୍ୟାରେଣ୍ଟି ରହିଛି । ବିଜେଡି ପାଇଁ ନବୀନଙ୍କ ଲୋକପ୍ରୟତା ଓ ଭିକେ ପାଣ୍ଡିଆନଙ୍କ ନିର୍ବାଚନ ପାରିହେବା କୌଶଳ ସହିତ ମୋଦିଙ୍କ ଓଡିଅ ଅସ୍ମିତା ଏବେ ବେଶ୍ ଚର୍ଚ୍ଚାରେ ସେଥିପାଇଁ ଗୋଟିଏ ପଟେ ବିଜେପି ଜୁନ ୪କୁ ଏକ୍ସପାରି ତାରିଖ କହୁଥିବା ବେଳେ ବରିଷ୍ଠ ବିଜେଡି ନେତା ପାଣ୍ଡିଆନ ପୁଣି ନବୀନ ଓଡିଶାର ମୁଖ୍ୟମନ୍ତ୍ରୀ ହେବେ ଓ ଜୁନ ୯ରେ ଶପଥ ଗ୍ରହଣ ଉତ୍ସବ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । ସେହିପରି ବିଜେପି ମଧ୍ୟ ଓଡିଶାରେ ପ୍ରଥମ ଥର ପାଇଁ ଜୁନ ୧୦ରେ ଓଡିଶାରେ ସରକାର ଗଠନ କରିବ ।



ହିମାଂଶୁ ଶେଖର ଆଚାର୍ଯ୍ୟ

ଏବେ ଆସିବା ତୃତୀୟ ପର୍ଯ୍ୟାୟରେ ଶେଷ ହୋଇଥିବା ହେଭିୱେଟ୍ ପ୍ରାର୍ଥୀ ଓ ସେମାନଙ୍କ ସଂସଦୀୟ କ୍ଷେତ୍ର ପ୍ରସଙ୍ଗକୁ । ଚଳିତ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରକୁ ହଟ୍ ସିଟି ରୂପେ ବିବେଚନା କରାଯାଉଛି । ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଭାବେ ବିଜେଡିର ସଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରାର୍ତୀ ଥିବାବେଳେ ବିଜେପି ତରଫରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଂଗ୍ରେସ ପ୍ରାର୍ଥୀ ଭାବେ ନଗେନ୍ଦ୍ର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି ଏହା ଦୁଇ ଭେଟେ୍ରାନଙ୍କ ପାଇଁ କର ବା ମର ପରିସ୍ଥିତ ସୃଷ୍ଟି କରିଛି ।

ସେହିପରି କଟକ ଆସନ ପାଇଁ ବିଜେଡିରୁ ସଂତୃପ୍ତ ମିଶ୍ର ଓ ବିଜେପିରୁ ଭର୍ତ୍ତୃହରି ମହତାବ ଓ କଂଗ୍ରେସରୁ ସରେଶ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି । ଭର୍ତ୍ତୃହରି ମହତାବ ପ୍ରାୟ ତିନି ଦଶନ୍ଧି ଧରି କଟକରୁ ପ୍ରତିନିଧିତ୍ୱ କରୁଥିବା ବେଳେ ସଂତୃପ୍ତ ମିଶ୍ର ଜଣେ ଜଣାଶୁଣା କର୍ପୋରେଟର ଭାବେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀ ହୋଇଛନ୍ତି । ସେହିପରି ସୁରେଶ ମହାପାତ୍ର ଜଣେ ଜଣାଶୁଣା ନାମ । ସେହିପରି ଗତଥର ବିଜେଡ ଦଖଲରେ ଥିବା ଲୋକସଭା ଆସନ ପୁଣି ଥରେ ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ବରିଷ୍ଠ ପୂର୍ବତନ କଂଗ୍ରେସ ନେତା ସୁର ରାଉତରାୟଙ୍କ ସାନପୁଅ ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କରିଛି। ତେଣୁ ଏଥିରେ ଜିତାପଟ କାହାର ହେବ ତାହା ୪ତାରିଖ ନିର୍ବାଚନ ଫଳାଫଳ ପରେ ଜଣାପଡିବ ତେବେ କଂଗ୍ରେସ ଏଠାରେ ଯୁବ ଚେହେରା ୟାସିର ନୱାଜଙ୍କୁ ନିର୍ବାଚନ ଲଢାଉଛି । ୟାସିର ଏବେ ଛାତ୍ର କଂଗ୍ରେସର ରାଜ୍ୟ ସଭାପତି ରହିଛନ୍ତି ।

ସେହିପରି ପୁରୀ ଲୋକସଭା ଆସନ ପାଇଁ ବିଜେଡି ଅରୂପ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି । ବିଜେପି କିନ୍ତୁ ପ୍ରାର୍ଥୀ ଅପରିବର୍ତ୍ତିତ ରଖିଛି । ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏଥର ମଧ୍ୟ ପ୍ରାର୍ଥୀ ହୋଇଛନ୍ତି । ନିଜେ ପ୍ରଧାନମନ୍ତ୍ରୀ ମୋଦୀ ପୁରୀରେ ରୋଡସୋ କରିବା ସହ ସମ୍ବିତଙ୍କ ପାଇଁ ଭୋଟ ମାଗିଛନ୍ତି । ତେବେ କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ କରି ଜୟନାରାୟଣ ପାତ୍ରଙ୍କୁ ଟିକେଟ ଦେଇଛି । କେନ୍ଦୁଝର ଲୋକସଭା ଆସନ ପାଇଁ ବିଜେଡି ଏଥର ଧନୁଜୟ ସିଂହଙ୍କୁ ପ୍ରାର୍ତୀ କରିଛି । ସେହିପରି ବିଜେପି ପୂର୍ବତନ ସାଂସଦ ତଥା ଗତଥରର ପ୍ରାର୍ଥୀ ଅନନ୍ତ ନାୟକଙ୍କୁ ପୁଣି ଥରେ ପ୍ରାର୍ଥୀ କରିଛି । କଂଗ୍ରେସରୁ ବିନୋଦ ବିହାରି ନାୟକ ପ୍ରାର୍ଥୀ ହୋଇଛନ୍ତି । ଏହି ନିର୍ବାଚନମଣ୍ଡଳୀରୁ ୨୦୦୯, ୨୦୧୪ ଓ ୨୦୧୯ରେ ବିଜୁଜନତା ଦଳ ଏଠାରୁ ବିଜୟ ଲାଭ କରିଥିଲା । ସେହିପରି ଢେଙ୍କାନାଳ ଆସନରେ ଗତଥର ବିଜେଡି ବିଜୟୀ ହୋଇଥିଲା । ଏଥର ସାଂସଦ ମହେଶ ସାହୁଙ୍କୁ ଟିକେଟ ନଦେଇ ତାଙ୍କ ସ୍ଥାନରେ ଯୁବ ଚେହେରା ଡାକ୍ତର ଅବିନାଶ ସାମଲଙ୍କୁ ପ୍ରାର୍ଥୀ କରିଛି । ହେଲେ ବିଜେପି ଏଠାରୁ ପୁଣି ଥରେ ଅନୁଭବୀ ନେତା ରୁଦ୍ରନାରାୟଣ ପାଣିଙ୍କୁ ମୈଦାନକୁ ଓହ୍ଲାଇଛି କଂଗ୍ରେସରୁ ନୂଆ ମୁହଁ ସସ୍ମିତା ବେହେରାଙ୍କୁ ପ୍ରାର୍ଥୀ କରିଛି ।

ତୃତୀୟ ପର୍ଯ୍ୟାୟ ମତଦାନ ପରେ ଏହି ୬ ସଂସଦୀୟ କ୍ଷେତ୍ର ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, କେନ୍ଦୁଝର, ଢେଙ୍କାନାଳ ଆସନ ମତଦାନ ପରେ ଏହି ମର୍ଯ୍ୟାଦାଜନକ ଆସନରେ କିଏ ଜିତିବ ଓ ହାରିବ ତାହା ଏବେ ସମସ୍ତଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । କାରଣ ରାଜ୍ୟ ରାଜଧାନୀ ଭୁବନେଶ୍ୱରରୁ ପଶ୍ଚିମ ଓଡିଶାର ଚର୍ଚ୍ଚିତ ଆସନ ସମ୍ବଲପୁର, ପୁରୁଣା ରାଜଧାନୀ କଟକ ରାଜ୍ୟର ଅଧ୍ୟାତ୍ମିକ ପ୍ରାଣକେନ୍ଦ୍ର ପୁରୀରେ ବିଜୟ ଓ ପରାଜୟ ରାଜନୈତିକ ଦଳର ପତିଆରା ଓ ସମ୍ମାନ ବୃଦ୍ଧି ପାଇଁ ଉଭୟ ବିଜେଡି ଓ ବିଜେପି ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ଗୋଟିଏ ପଟେ ନବୀନଙ୍କ ଲୋକପ୍ରିୟତା ଓ ବରିଷ୍ଠନେତା ଭକେ ପାଣ୍ଡିଆନଙ୍କ ନିର୍ବାଚନ ପରିଚାଳନା କୌଶଳ ଅନ୍ୟପଟେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ ଓ ଅନ୍ୟାନ୍ୟ ରାଷ୍ଟ୍ରୀୟ ନେତାଙ୍କ ନାରା ମଧ୍ୟରେ କିଏ ଜିତାପଟ ନେବ ତାହା ଦେଖିବାକୁ ବାକି ରହିଲା । ଜୁନ ୪ ତାରିଖ ଭୋଟ ଗଣତି ପରେ ସବୁ ଚିତ୍ର ସ୍ପଷ୍ଟ ହୋଇଯିବ !

ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ଆମ ଅସ୍ମିତା ହେଉଛି ହିନ୍ଦୁ

ହିନ୍ଦୁ ଭାରତର ପରିଚୟ ଅଟେ। କିନ୍ତୁ ବିଗତ ବର୍ଷର ପରାଧିନ କାଳଖଣ୍ଡ ଭାରତର ହିନ୍ଦୁ ଜନ ମାନସ ଭିତରେ ନିଜର ଅସ୍ମିତା, ନିଜର ଗୌରବ, ନିଜର ଇତିହାସ ପ୍ରତି ହୀନଭାବର ସଞ୍ଚାର ଏମିତି କରିଦେଇଥିଲା ଯେ ସତେ ଯେମିତି ସୂର୍ଯ୍ୟଙ୍କ ତେଜରେ କିଚଇ ସମୟ ପାଇଁ ଗ୍ରହଣ ଲାଗିଯାଇଥିଲା। ଆମେ ଯେତେବେଳେ ହିନ୍ଦୁଙ୍କ କଥା କହୁଛେ ସେତେବେଳେ ଆମ ଅସ୍ମିତା କଥା କହୁଛେ। ଆମ ଅସ୍ମିତା ସମସ୍ତଙ୍କୁ ସାଥିରେ ନେଇ ଚାଲିବାର କଥା କହେ। ସେଥିପାଇଁ ଆମେ ସମ୍ପୂର୍ଣ୍ଣ ବିଶ୍ୱକୁ ଆମ ପରିବାର ବୋଲି ଭାବି ନେଇଥାଏ। ଆମ ଋଷି ମୁନୀମାନେ କହିଛନ୍ତି – "ଅୟଂ ନିଜଃ ପରୋବେତି ଗଣନା ଲଘୁ ଚେତସାମ୍

ଉଦାର ଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ?"

ହିନ୍ଦୁ କହେ ଏ ଦୁନିଆ ଏକ ପରିବାର ଓ ଆମେ ସବୁ ସୁଖ ଦୁଃଖ ସମଭାବେ ଭୋଗ କରିବା। ବିଶ୍ୱରେ ପରସ୍ପର "ସହ ଅସ୍ତିତ୍ୱ"ର ବିଚାରର ପ୍ରକୃତ ପ୍ରଚାରକ ହେଉଛି ଆମ ହିନଦୁ ସଂସ୍କୃତି। ହିନ୍ଦୁ ସମସ୍ତଙ୍କ ଭିତରେ ନିଜକୁ ଦେଖେ ଏବଂ ନିଜକୁ ଖୋଜେ, ଏହା ହେଉଛି ହିନ୍ଦୁ ସଂସ୍କୃତି ଓ ଏହି ସଂସ୍କୃତିରେ କେବେ ବି ଭିନ୍ନ ପୂଜା ପଦ୍ଧତିର ଆଧାରରେ କେବେ ବି ନର ସଂହାରର କଥା ନାହିଁ। ବରଂ ପୂଜାବିଧି କିଛିବି ହେଉ ଆମେ ସମସ୍ତେ ହିନ୍ଦୁ ବୋଲି କୁହାଯାଇଥାଏ। ଆମେ ଜାଣିଛେ ଯେ ବୈଦିକ ଋଷିମାନେ "ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି"ର ବିଚାର ଦେଇଛନ୍ତି। ଏହାର ଅର୍ଥ ହେଉଛି ସତ୍ୟ ଏକ୍ ଅଟେ କିନ୍ତୁ ଏହାକୁ ବ୍ୟାଖ୍ୟା କରିବା ବା ବତାଇବା ବିଦ୍ୱାନ ଭିନ୍ନ ଭିନ୍ନ ପ୍ରକାରର ବ୍ୟାଖ୍ୟା କରିଥାନ୍ତି। ଏକଥା କହିବା କିଛି ସାଧାରଣ ବିଷୟ ନୁହେଁ। ଏସବୁ ବିଶ୍ୱର ଅନ୍ୟ ଧର୍ମାବଲମ୍ବୀଙ୍କୁ କ'ଣ କୁହାଯାଇପାରିବ ? ଉତ୍ତର ହେଉଛି ନାହିଁ। କାରଣ ବିଶ୍ୱର ଅନ୍ୟ ଧର୍ମାବଲମ୍ବୀମାନଙ୍କ ପରିଭାଷାରେ "ଗୋଟିଏ ଧର୍ମଗ୍ରନ୍ଥି, ଜଣେ ଭଗବାନ ଏବଂ ଗୋଟିଏ ପ୍ରକାରର ପୂଜାପଦ୍ଧତି ବର୍ଣ୍ଣିତ ଅଟେ ଓ ଏହା ବାହାରକୁ ଯିବାର ଅର୍ଥ ହେଉଛି ସେଇ ଧର୍ମରୁ ବାହାରିଯିବା। ଧର୍ମର ପରିଭାଷା ମଧ୍ୟ କିଛି ଏଭଳି ହିନ୍ଦୁ ସଂସ୍କୃତି ଓ ହିନ୍ଦୁ ସମାଜରରେ ଏମିତି ନାହିଁ। କ'ଣ ହିନ୍ଦୁ ସମାଜ ଗୋଟିଏ ପ୍ରକାରର ପୂଜାପଦ୍ଧତିକୁ ସର୍ବମାନ୍ୟ ବୋଲି ଗ୍ରହଣ କରିପାରେ ? କ'ଣ ହିନ୍ଦୁ ସମାଜ କୌଣସି ଗୋଟିଏ ଗ୍ରନ୍ଥକୁ ନିଜର ଧର୍ମଗ୍ରନ୍ଥ ବୋଲି ମାନି ପାରିବ ? କ'ଣ ଗୋଟିଏ ସ୍ୱରୂପ ର ଭଗବାନଙ୍କୁ ହିନ୍ଦୁ ସମାଜ ମାନିବ ? ହିନ୍ଦୁ ସମାଜ ଭିତରେ ଏଭଳି ହେବା ଅସମ୍ଭବ। କିନ୍ତୁ ସମସ୍ତ ଭିନ୍ନତା-ବିବିଧତାକୁ ସାଥିରେ ନେଇ ବିନା ସଂଘର୍ଷରେ ହିନଦୁ ସମାଜ ରହି ଆସିଛି।

ମହର୍ଷି ଅରବିନ୍ଦ ହିନ୍ଦୁଙ୍କ ସମ୍ପର୍କରେ ଅନେକ କିଛି କହିଛନ୍ତି। ଅରବିନ୍ଦ କହୁଛନ୍ତି "ଯାହାକୁ ଆମେ ହିନ୍ଦୁ ଧର୍ମ ବୋଲି କହୁଛେ ବାସ୍ତବରେ ତାହା ହେଉଛି ସନାତନ ଧର୍ମ। କାରଣ ସନାତନ ଧର୍ମ ହେଉଛି ସାର୍ବଭୌମ ଧର୍ମ ଯିଏ ଅନ୍ୟ ସମସ୍ତଙ୍କୁ ନିଜ ଭିତରେ ସାମହିତ କରି ନେଇଥାଏ। ଯେଉଁ ଧର୍ମ ସାର୍ବଭୌମ ନୁହେଁ ତାହା ସନାତନ ହୋଇପାରିବ ନାହିଁ।" ଭାରତର ସନାତନ ହିନ୍ଦୁ ବିଚାର ଆମକୁ ପାଖାପାଖି ୧୦୦୦ ବର୍ଷ ପର୍ଯ୍ୟନ୍ତ ଆମ ଭିତରେ ଆମର "ସ୍ୱ"କୁ ଜାଗ୍ରତ ରଖିଥିଲା ଯାହା ବଳରେ ଆମେ ପ୍ରଶାସନିକ ପରତନ୍ତ୍ରତା ସତ୍ତ୍ୱେ ତାହା ସହ ସଂଘର୍ଷ କରୁଥିଲେ। ଭାରତର ପରିଚୟ ହିନ୍ଦୁ ଅଟେ ଓ ଏହି ପରିଚୟ ପାଇଁ ଭାରତର ସମାଜ ଲଢେଇ କରୁଥିଲା। ଶ୍ରୀ ଅରବିନ୍ଦ ହିନ୍ଦୁ ସନାତନ ଧର୍ମକୁ ରାଷ୍ଟ୍ର ଏବଂ ରାଷ୍ଟ୍ରବାଦ ବୋଲି କହୁଥିଲେ। ସେ କହୁଥିଲେ "ମୁଁ ତୁମକୁ କହିବାକୁ ଚାହେଁ ଯେ ସନାତନ ଧର୍ମ ହିଁ ରାଷ୍ଟ୍ରବାଦ", ଏହି ପରିଚୟ ହିଁ ଆମ ଭିତରେ ଥିବା ଭେଦଭାବ ସତ୍ତ୍ୱେ ଆମକୁ ଯୋଡ଼ି ରଖିଥିଲା। ଏହି ବିଚାର ହଜାରେ ବର୍ଷର ପରାଧିନ କାଳରେ ମଧ୍ୟ ଆମ ଭିତରର ଆତ୍ମବିଶ୍ୱାସ ଏବଂ ଆମର ସ୍ୱକୁ ସମାପ୍ତ କରି ପାରିନଥିଲା। ଯେଉଁ ବିଚାରର ଆଧାରରେ ଆମେ ହିନ୍ଦୁସମାଜ ନିଜର ଅସ୍ମିତା ପାଇଁ ଲଢେଇ କରିଥିଲା ସେଇ ବିଚାରର ନାମ ହିଁ "ହିନ୍ଦୁତ୍ୱ"। ଆଜିର ଅନେକ ବୁଦ୍ଧିଜୀବି ଏହି ହିନ୍ଦୁ ଓ ହିନ୍ଦୁତ୍ୱ ଶବ୍ଦକୁ ଗ୍ରହଣ କରିବାରେ ଆପତ୍ତି କରୁଛନ୍ତି। କିନ୍ତୁ ଏହି ଶବ୍ଦ ଭାରତର ବିଚାର ଓ ଦର୍ଶନକୁ ବ୍ୟକ୍ତ କରୁଛି ଓ ବହୁ କାଳରୁ କରି ଆସୁଛି। ସବୁ ମତ, ଧର୍ମ, ସମ୍ପ୍ରଦାୟକୁ ସାଥିରେ ନେଇ ଚାଲିବାର ସ୍ୱୀକୃତି ଦେଇଛି ହିନ୍ଦୁ ଦର୍ଶନ। ଏହା ବିଭିନ୍ନତାରେ ଏକତାର କଥା କହେ। ଏହି ଦର୍ଶନର ଭାଷା ଭିନ୍ନ, ଖାଦ୍ୟ ପାନୀୟ ମଧ୍ୟ ଏକାଭଳି ନୁହେଁ, ଭୌଗୋଳିକ ସ୍ଥିତିରେ ମଧ୍ୟ ଭିନ୍ନତା ରହଛି କିନ୍ତୁ ତଥାପି ମଧ୍ୟ ଆମେ ସମସ୍ତେ ଏକ। ଭୂମିକୁ ନିଜର ମା ବୋଲି ମାନୁଥିବା ଦର୍ଶନ/ଚିନ୍ତନ ହେଉଛି ହିନ୍ଦୁତ୍ୱ।



ଗୋପାଳ ମହାପାତ୍ର

ହିନ୍ଦୁ ସଂସ୍କୃତି ଭାରତ ଭୂମିକୁ ମାତା ବୋଲି କହିଥାଏ। ଏହି ମାତୃଭୂମି ଯିଏ ଆମକୁ ସବୁକିଛି ଦେଇଛି ତା ପ୍ରତି କୃତଜ୍ଞତା ଭାବ ହିଁ ତାକୁ ମା'ର ଆସନରେ ବସାଇ ଦେଇଛି। ହିନ୍ଦୁ ଦର୍ଶନରେ ରାଷ୍ଟ୍ରର ସଂକଳ୍ପନା କୌଣସି ଭୌଗୋଳିକ ସୀମା, ପୂଜା ପଦ୍ଧତି, ଜାତି, ରଙ୍ଗ ଆଦି ନୁହେଁ ବରଂ ରାଷ୍ଟ୍ର ଏକ ଜୀବନ୍ତ ଜୀବନ ଅଟେ। ଏଇଥିପାଇଁ ନୁଦିଆରେ ନେସନ (ରାଷ୍ଟ୍ର)ର ଜନ୍ମ ଭୌତିକ ଅବଧାରଣା ହୋଇପାରେ କିନ୍ତୁ ହିନ୍ଦୁଙ୍କ ପାଇଁ ଏହା ସାଂସ୍କୃତିକ ଏବଂ ଆଧାତ୍ମିକ ଅଟେ। ରାଷ୍ଟ୍ର କୌଣସି ସାମ୍ରାଜ୍ୟବାଦୀ ଧାରଣା ଉପରେ ଆଧାରିତ ନୁହେଁ ବରଂ ରାଷ୍ଟ୍ରର ଜନ୍ମ "ଋଷିମାନଙ୍କର ଇଛାର ପରିଣାମ ସ୍ୱରୂପ ହିଁ ହୋଇଥାଏ", ସ୍ୱାମୀ ରାମତୀର୍ଥଙ୍କ ମତରେ "ଏଇ ଭାରତ ମୋର ଶରୀର,ମୋର ପ୍ରତିଟି ଅଙ୍ଗ ଭାରତର ଗୋଟିଏ ଗୋଟିଏ ଅଂଶ, ଯେବେ ମୁଁ ଶ୍ୱାସ ନିଏ ତେବେ ଭାରତ ଶ୍ୱାସ ନେଇଥାଏ, ଯେବେ ମୁଁ ଚାଲେ ତେବେ ଭାରତ ଚାଲେ", ଭାରତରେ ବହୁ ପୁରାକାଳରୁ ଏକ ପ୍ରକାରର ଜୀବନ ପଦ୍ଧତି ଅନୁକରଣ କରୁଥିବା ଲୋକେ ବସବାସ କରୁଥିଲେ। ଯେତେବେଳେ ସମସ୍ତେ ଏକ ଥିଲେ ସେତେବେଳେ ସାମୂହିକ ପରିଚୟର ଆବଶ୍ୟକତା ମଧ୍ୟ ନଥିଲା।

ଭାରତରେ ଶୈବ, ଶାକ୍ତ, ବୈଷ୍ଣବ ଭଳି ଅନେକ ମତାବଲମ୍ବି ଥିଲେ କିନ୍ତୁ ସମସ୍ତେ ସନାତନ ହିନ୍ଦୁର ଅଂଶ ବିଶେଷ ଥିଲେ। ମୁସଲିମ୍ ଶାସକଙ୍କ ଆଗରେ ସମସ୍ତେ ଏକତ୍ର ହୋଇ ଠିଆହୋଇଥିଲେ ଓ ଏକତ୍ୱ ମୂଲ୍ୟ ଆଧାରରେ ହିନ୍ଦୁ ପରିଚୟର ସୃଷ୍ଟି କରିଥିଲେ। ଏହି ହିନ୍ଦୁ ପରିଚୟ ହିଁ ବିଦେଶୀ ଶକ୍ତିଙ୍କ ବିରୁଦ୍ଧରେ ଲଢେଇ ପାଇଁ ପ୍ରେରଣା ଯୋଗାଇଥିଲା। ଏଣୁ ହିନ୍ଦୁ ସମାଜ/ ଆମେ ହିନ୍ଦୁ ଅସ୍ମିତାକୁ ନେଇ ଗର୍ବ କରିବା ଉଚିତ୍। ହିନ୍ଦୁ ଆମର ରାଷ୍ଟ୍ରୀୟତା, ହିନ୍ଦୁତ୍ୱ ଆମର ଜୀବନ ଦର୍ଶନ। ଭାରତ ଯଦି ଶରୀର ହୁଏ ତେବେ ହିନ୍ଦୁ ଏବଂ ହିନ୍ଦୁତ୍ୱ ହେଉଛି ଭାରତର ଆତ୍ମା।

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# ସୀମାଲଙ୍ଘନର ପରିଣାମ

କୋଟି କୋଟି ପ୍ରାଣୀ ସିଏ
ବୋହି ତାର ଦେହରେ
ପାଳୁଅଛି ମାଆ ପରି
କାଳ କାଳ ସ୍ନେହରେ ।

ସେ ଆମ ପୃଥିବୀମାତା । ସାରା ବ୍ରହ୍ମାଣ୍ଡରେ ଅଦ୍ୟାବଧି ଜୀବନର ସନ୍ଧାନ କେବଳ ଏଇ ଅନନ୍ୟା ଧରାରେ ହିଁ ମିଳିଛି। ତା' ବକ୍ଷରେ ନିୟୁତନିୟୁତ ଜୀବ ଜନ୍ମ ଗ୍ରହଣ କରିଛନ୍ତି, ସମସ୍ତଙ୍କୁ ସେ ପାଳିଛି। ଏବେ କିନ୍ତୁ ତା'ର ଅସ୍ତିତ୍ୱ ସଂକଟାପନ୍ନ। ସେଥିପାଇଁ ଦାୟୀ ମଣିଷ। ବର୍ତ୍ତମାନ ଅନୁଭୂତ ହେଉଥିବା ଅଭୂତପୂର୍ବ ଗରମ, ଅନିୟମିତ ବର୍ଷା ଓ ମରୁଡ଼ି ଦ୍ୱାରା ଧନଜୀବନ ଓ ଭିତ୍ତିଭୂମିର ପ୍ରଭୂତ କ୍ଷତି, ଅସଂଖ୍ୟ ବୃକ୍ଷଲତାରେ ଓ ପଶୁପକ୍ଷୀଙ୍କର ବିଲୁପ୍ତି, ବ୍ୟାପକ ଜଙ୍ଗଲକ୍ଷୟ, ଫସଲହାନୀ ଏବଂ ବରଫପାହାଡ଼ର ଦ୍ରୁତ ତରଳୀଭବନ ଦ୍ୱାରା ସାମୁଦ୍ରିକସ୍ତରବୃଦ୍ଧି କାରଣରୁ ସୃଷ୍ଟ କ୍ଷୟକ୍ଷତିକୁ ଦେଖିଲେ ଆମେ କେଉଁ ସ୍ଥାନରେ ପହଂଚିଛେ ତାହା ବେଶ୍ ଅନୁମେୟ। ଆଗାମୀ ଶହେ ବର୍ଷ ଧରି ଶୂନ୍ୟ ହସ୍ତକ୍ଷେପ କଲେ ମଧ୍ୟ ତାପମାତ୍ରା ବୃଦ୍ଧି ଓ ତଜ୍ଜନିତ କ୍ଷୟକ୍ଷତି ପୂର୍ବାବସ୍ଥାକୁ ଫେରିବେନି ବୋଲି ଜଳବାୟୁ ବିଶେଷଜ୍ଞଙ୍କ ମତ।

ପୃଥିବୀ ଉପରେ ମାନବଅତ୍ୟାଚାରର ପ୍ରଭାବକୁ ଦେଖି ମାନବତା, ବସୁଧାର ସ୍ଥିରତା ଓ ନମନୀୟତା ଏବଂ ଜୈବବିବିଧତାକୁ ବଞ୍ଚ ?ଇ ରଖିବାର ଅଭିପ୍ରାୟରେ ଜୋହାନ୍ ରକ୍ ?ଷ୍ଟର୍ମ୍ ଏବଂ ୨୮ ଜଣ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ୨୦୦୯ ମସିହାରେ ପରିବେଶସମ୍ବନ୍ଧୀୟ ନଅଟି ଗ୍ରହୀୟସୀମାର ରୂପରେଖ ସ୍ଥିର କରିଥିଲେ। ସେହି ସୀମା ଅନ୍ତର୍ନିହିତ ଜୈବିକପଦ୍ଧତି ଉପରେ ଆଧାରିତ ପୃଥିବୀର ସ୍ଥିରତା ନିୟନ୍ତ୍ରଣ କରୁଥିବା ଗୋଟିଏ ନିରାପଦ ବଳୟ।

ପୃଥିବୀ ଯେପରି ଦୀର୍ଘସମୟ ଧରି ନିଜର ସନ୍ତାନସନ୍ତତିଙ୍କ ସହିତ ସୁରକ୍ଷିତ ରହି ପାରିବ, ତାହାର ବିଶଦ ବ୍ୟାଖ୍ୟା ଏହି ସୀମା। ସେହି ପରିଧି ଡେଇଁଲେ ବାରମ୍ବାର ଆକସ୍ମିକ ତଥା ଅପରିବର୍ତ୍ତନୀୟ କ୍ଷତି ଘଟିବା ନିଶ୍ଚିତ ବୋଲି ଚେତାବନୀ ମଧ୍ୟ ଦିଆ ଯାଇଥିଲା। ସେହି ନଅଟି ସୀମା ହେଉଛି – (୧) ଜଳବାୟୁ ପରିବର୍ତ୍ତନ, (୨)ଜୈବ ମଣ୍ଡଳୀୟ ଅଖଣ୍ଡତା, (୩) ଜଳର ଶୁଦ୍ଧତାରେ ପରିବର୍ତ୍ତନ, (୪)ଜୈବ – ଭୂ ରାସାୟନିକ ପ୍ରବାହ,(୫) ସମତାପମଣ୍ଡଳୀୟ (ଷ୍ଟ୍ରାଟସ୍ ?ଫିଅରିକ୍) ଓଜୋନ୍ ପ୍ରବାହ, (୬) ଭୂମି ପ୍ରକାରରେ ପରିବର୍ତ୍ତନ, (୭) ନବୀନ ତତ୍ତ୍ୱ, (୮)ଏରୋଜଲ୍ ଲୋଡିଙ୍ଗ୍ ଏବଂ (୯)ମହାସାଗରୀୟ ଅମ୍ଳୀଭବନ।

୨୦୨୩ ମସିହା ଅକ୍ଟୋବର ମାସରେ ସାଇନ୍ ?ସ୍ ଆଡ୍ ?ଭାନ୍ ?ସେସ୍ ପତ୍ରିକାରେ ପ୍ରକାଶିତ ହୋଇଛି ଯେ ପୃଥିବୀ ଏହି ନଅଟି ସୀମା ଭିତରୁ ଛଅଟିକୁ ଉଲ୍ଲଂଘନ କରି ସାରିଛି ।ଜଳବାୟୁ ପରିବର୍ତ୍ତନ, ଜୈବ ଅଖଣ୍ଡତା (ବିବିଧତା ଏବଂ ନିରନ୍ତରତା ବଜାୟ ରହିବା), ଭୂମି ପ୍ରଣାଳୀ ପରିବର୍ତ୍ତନ, ପାନୀୟ ଜଳଚକ୍ରରେ ପରିବର୍ତ୍ତନ, ପୋଷକ ତତ୍ତ୍ୱ ଚକ୍ର, ଏବଂ ମାଇକ୍ରୋ ପ୍ଲାଷ୍ଟିକ୍ସ ପରି ଜୈବିକପ୍ରଦୂଷକ କ୍ଷେତ୍ରରେ ସୀମା ଅତିକ୍ରମଣ ହୋଇ ସାରିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ପଷ୍ଟ। ବୈଶ୍ୱିକ ତାପମାତ୍ରା ବୃଦ୍ଧି ରେକଡ୍ ସ୍ତରରେ। ଏହା ପ୍ରାକ୍-ଶିଳ୍ପ ବିପ୍ଳବସ୍ତର ଠାରୁ ହିସାବ କରାଯାଇ ଥିବା ମାନକ ତାପମାତ୍ରାକୁ ପାର ହୋଇସାରିଛି। ଗତ ଦଶକ (୨୦୨୪- ୨୦୨୩) ସବୁଠାରୁ ଅଧିକ ଉତ୍ତପ୍ତଦଶକ। ୨୦୧୬ ମସିହାର ତାପମାତ୍ରାକୁ କାଟି ୨୦୨୩ ଧରାପୃଷ୍ଠର ସବୁଠାରୁ ଗରମ ବର୍ଷ, ୧୭୩ ବର୍ଷରେ ସର୍ବାଧିକ। ୟୁରୋପୀୟ ଜଳବାୟୁ ସଂସ୍ଥା କ୍ଲାଇମେଟ୍ କୋପର୍ ?ନିକସ ହିସାବ କରି ଦର୍ଶାଇଛନ୍ତି ୨୦୨୩ ମସିହାର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ବିପ୍ଳବ ସ୍ତର ଠାରୁ ୧.୪୮ ଡିଗ୍ରୀ ଅଧିକ ଥିଲା। ଏହାର ପ୍ରଭାବ ଆଣ୍ଟାର୍କିକା ଠାରୁ ହିମାଳୟ ପର୍ଯ୍ୟନ୍ତ , ଗୃହ ଠାରୁ କୃଷିକ୍ଷେତ୍ର ପର୍ଯ୍ୟନ୍ତ ଅନୁଭୂତ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଘନତ୍ୱ ଏବଂ ତାପ ବିକିରଣ ସୀମା ଯଥାକ୍ରମେ ୩୫୦ ପିପିଏମ୍ ଏବଂ ପ୍ରତି ବର୍ଗ ମିଟର ପାଇଁ ଏକ ୱାଟ୍। ବର୍ତ୍ତମାନ ଏହା ଯଥାକ୍ରମେ ୪୧୭ ପିପିଏମ୍ ଏବଂ ୨.୯୧ ୱାଟ୍ ?ରେ ।

ବୈଶ୍ୱିକସ୍ତରରେ ଜଙ୍ଗଲର ସୁରକ୍ଷିତ ବଳୟ ୭୫ ଭାଗରୁ ଖସି ୬୦ ଭାଗରେ ପହଞ୍ଚିଛି। ଜୈବ ଅଖଣ୍ଡତା ମଧ୍ୟ ତଦ୍ରୂପ। ବୃକ୍ଷଲତା ଓ ଜୀବଜନ୍ତୁଙ୍କର ବିଲୁପ୍ତିର ହାର ପ୍ରତି ଦଶଲକ୍ଷ ପ୍ରଜାତି – ବର୍ଷରେ ୧୦ ହେବା ଜାଗାରେ ଏବେ ତାହା ୧୦୦ ରୁ ଅଧିକ। ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ବିଗତ ଦେଢ଼ଶହ ବର୍ଷରେ ପଶୁପକ୍ଷୀ ଓ ବୃକ୍ଷଲତାର ବଂଶାନୁକ୍ରମିକ ବିବିଧତାରେ ପ୍ରାୟ ୧୦% ରୁ ଅଧିକ ନଷ୍ଟ ପରିଲକ୍ଷିତ ହୋଇଛି। ଆକଳନରୁ ଜଣା ପଡ଼ିଛି ଅଶୀଲକ୍ଷ ଗଛ ଏବଂ ପଶୁପକ୍ଷୀଙ୍କ ଭିତରୁ ପ୍ରାୟ ଦଶଲକ୍ଷ ବିଲୁପ୍ତିର ଦ୍ୱାରାଦେଶରେ।



ସୁଜାତା ପ୍ରହରାଜ

ମଧୁରଜଳ ସମସ୍ୟା ଏବେ ଭୟଙ୍କର। ନୀଳ ଜଳ (ଉଭୟ ଭୂପୃଷ୍ଠ ଓ ଭୂତଳ ବ୍ୟବହାର୍ଯ୍ୟ ପାଣି) ଓ ସବୁଜ ଜଳ ( ଗଛଲତାଙ୍କ ବ୍ୟବହାର ପାଇଁ ପାଣି) ଉପରେ ମନୁଷ୍ୟର କାର୍ଯ୍ୟକଳାପର ପ୍ରଭାବ ଯଥାକ୍ରମେ ୧୦.୨ ଓ ୧୧.୧ ପ୍ରତିଶତ ରହିବା କଥା। ତାହା ବର୍ତ୍ତମାନ ୧୮.୨ ଏବଂ ୧୫.୮ ପ୍ରତିଶତ। ଏହାର ଫଳ ଭାରତ ସମେତ ପୃଥିବୀର ଅନେକ ନଗରସହର ଭୋଗୁଛନ୍ତି।

ଜୈବ – ଭୂ ରାସାୟନିକ ପ୍ରବାହ ସୀମାର ବାହାରେ। ପୃଥିବୀ ପୃଷ୍ଠରେ ନାଇଟ୍ରୋଜେନ୍ ଓ ଫସ୍ ?ଫରସ୍ ପରି ପୋଷକତତ୍ତ୍ୱର (କୃଷି କ୍ଷେତ୍ରରେ) ମାତ୍ରାଧିକ ବ୍ୟବହାରର ପ୍ରଭାବରେ ଜୈବବିବିଧତା ନଷ୍ଟ ହେବା ସହିତ ପାଣି ବିଷାକ୍ତ ହୋଇ ଯାଉଛି। ନାଇଟ୍ରୋଜେନ୍ ଓ ଫସ୍ ?ଫରସ୍ ପାଇଁ ନିରାପଦ ସୀମାରେଖା ଯଥାକ୍ରମେ ୬୨ ଓ ୧୧ ଟେରାଗ୍ରାମ୍ ଜାଗାରେ ତାହା ୧୯୦ ଏବେ ୨୨.୬ ଟେରାଗ୍ରାମ୍ ଅଛି। ଦିନକୁଦିନ ଭୂତଳ ଜଳସ୍ତର ହ୍ରାସ ପାଇବା ସହିତ ଉଭୟ ମଧୁର ଓ ଲୁଣି ଜଳ ପ୍ରଦୂଷିତ ହେବା ଫଳରେ ପୃଥିବୀରେ ଜଳସଙ୍କଟ ଉତ୍କଟ ଏବଂ ମଣିଷ ଠାରୁ ସାମୁଦ୍ରିକ ଜୀବ ଓ ଗୁଳ୍ମଲତାଙ୍କର ଜୀବନ ସଙ୍କଟାପନ୍ନ।

ଏହି ଘଡ଼ିସନ୍ଧି ସମୟରେ ଏକ ସାମୂହିକ କାର୍ଯ୍ୟପନ୍ଥା ଆବଶ୍ୟକ। ବୈଶ୍ୱିକସ୍ତରରେ ସରକାର, ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଓ ବେସରକାରୀ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଜନସାଧାରଣଙ୍କ ସହଭାଗିତାରେ ସମସ୍ୟାର ସମାଧାନ ନିହିତ। ସର୍ବପ୍ରଥମ ପଦକ୍ଷେପ କାର୍ବନ ନିର୍ଗମନକୁ ନିୟନ୍ତ୍ରଣ କରିବା ପାଇଁ ପାରମ୍ପରିକ ଜାଳେଣି ଜାଗାରେ ସ୍ୱଚ୍ଛ ସବୁଜ ନବିକରଣୀୟ ଶକ୍ତିର ବ୍ୟବହାର। ସୌର ଶକ୍ତି, ପବନ ଶକ୍ତି, ସବୁଜ ଉଦ୍ ?ଜାନ ଏବଂ ଅସଂଖ୍ୟ ଯାନବାହନ ପାଇଁ ବିଦ୍ୟୁତ୍ ଶକ୍ତିର ବ୍ୟବହାର ବ୍ୟାପକ ହେବା ଆବଶ୍ୟକ। ତା' ସହିତ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମଧ୍ୟ ହେବା ଆବଶ୍ୟକ। ଏଥିପାଇଁ ଅଧିକ ପ୍ରଦୂଷଣ ସୃଷ୍ଟି କରିଥିବା ବିକଶିତ ଧନୀ ଦେଶମାନେ ନିଜର ଦାୟିତ୍ୱକୁ ଗ୍ରହଣ କରି ଅନୁନ୍ନତ ଗରିବ ଦେଶମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ। ଗ୍ରହୀୟ ସୀମା ଉଲନନ କୁ ସେହି ଛ ରେ ସୀମିତ ରଖି ହୋଇଥିବା ଭୁଲ କୁ ସୁଧାରିବା ପାଇଁ ଚେଷ୍ଟା କରାଯିବ ଉଚିତ୍। ସେଥିପାଇଁ ଜଳବାୟୁ ସୁଧାର ରଣନୀତି ପ୍ରସ୍ତୁତ କରାଯାଇ ତାହାକୁ ପ୍ରୟୋଗ କରାଯିବ ଉଚିତ ପରିବେଶରେ ମାଇକ୍ରୋ ପ୍ଲାଷ୍ଟିକ ର ମାତ୍ର କମେଇବା ପାଇଁ ପ୍ଲାଷ୍ଟିକ ର ବ୍ୟବହାର ବନ୍ଦ ନ ହେଲେ ମଧ୍ୟ ସର୍ବନିମ୍ନ ସ୍ତରରେ ରଖାଯିବ ଉଚିତ। ବର୍ତ୍ତମାନ ମହାସାଗର ସମୂହର ଜୀବଜନ୍ତୁଙ୍କ ଅପେକ୍ଷା ଅଧିବପ୍ଲାଷ୍ଟିକ ରହିଥିବାର ଜଣାଯାଏ। ଦ୍ରୁତ ଜଙ୍ଗଲ କ୍ଷୟ ରୋକାଯିବା ସହିତ ପରିବେଶ ଅନୁପନ୍ଥୀ ବୃକ୍ଷରୋପଣର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ବୃକ୍ଷଛେଦନ ଓ ଅରଣ୍ୟାଗ୍ନିରେ ଲିପ୍ତ ବ୍ୟକ୍ତିଙ୍କ ପ୍ରତି ଶୂନ୍ୟସହନଶୀଳତା ରହିବା ଉଚିତ୍। ଜୈବବିବିଧତାର ସୁରକ୍ଷା ପାଇଁ ବିଲୁପ୍ତିର ଆଶଙ୍କା ଥିବା ପ୍ରଜାତିଗୁଡ଼ିକ ପାଇଁ ସୁରକ୍ଷାବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ। ଏଥିପାଇଁ ସ୍ଥାନୀୟ ଅଧିବାସୀମାନଙ୍କ ସାହାଯ୍ୟରେ ସେସବୁର ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ପ୍ରୟତ୍ନ ଦରକାର।

ଜଳର ସୀମିତ ବ୍ୟବହାର, ବର୍ଷାଜଳ ସଂରକ୍ଷଣ ଏବଂ ଦୃତଗତିରେ ହ୍ରାସ ପାଉଥିବା ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ପାଇଁ ସତତ ଚେଷ୍ଟା କରାଯିବା ଉଚିତ। ଏସବୁ ବ୍ୟତୀତ ରହିଛି ଏକ ଉତ୍ତମ ବର୍ଜ୍ୟପରିଚାଳନା ବ୍ୟବସ୍ଥା। ବର୍ଜ୍ୟବସ୍ତୁର ବର୍ଗୀକରଣ କରାଯାଇ ଯେତେ ସମ୍ଭବ ପୁନର୍ବ୍ୟବହାର ସହିତ ଚକ୍ରୀକରଣ ଉପରେ ଧ୍ୟାନ ଦିଆଯିବ ଉଚିତ। ପାରମ୍ପରିକ ଓ ନବୀକରଣ ଶକ୍ତି ଉତ୍ପାଦନ ଓ ବ୍ୟବହାର ସମୟରେ ନିର୍ଗତ ବର୍ଜ୍ୟକୁ ଲ୍ୟାଣ୍ଡ୍ ?ଫିଲ୍ ?କୁ ନ ଛାଡ଼ି ଆଧୁନିକଶୈଳୀରେ ପରିଚାଳନା କରାଯିବା ଉଚିତ। କୃଷିକ୍ଷେତ୍ରରେ ପାଣିର ସୁବ୍ୟବସ୍ଥା ସହ ଅନାବଶ୍ୟକ ଜଳଖର୍ଚ୍ଚକୁ ରୋକା ଯିବା ଦରକାର। କାରଣ ଏହାଦ୍ୱାରା ଶକ୍ତି ବ୍ୟବହାର ଅଧିକ ହେବା ସହ ସୀମିତ ଭୂତଳଜଳ ଉପରେ ଅଧିକ ଚାପ ସୃଷ୍ଟି କରିଥାଏ। କୃଷକମାନଙ୍କୁ ନବଯୁଗୀୟ କୃଷିପ୍ରଣାଳୀର ବ୍ୟବହାର ତଥା ରାସାୟନିକ ସାର ବଦଳରେ ଅଧିକ ଜୈବିକସାର ପ୍ରୟୋଗ କରିବା ପାଇଁ ପ୍ରେରଣା ଯୋଗାଇ ଦିଆଯିବା ଉଚିତ।

ଏ ପୃଥିବୀ କେବଳ ମଣିଷର ନୁହେଁ। ସମସ୍ତ ଜୀବ,ନିର୍ଜୀବ ଓ ଜଡ଼ପଦାର୍ଥର ତା' ଉପରେ ଅଧିକାର ଅଛି। ନିୟୁତନିୟୁତ ସଂଖ୍ୟାର ଜୀବମାନଙ୍କର ଅସ୍ତିତ୍ୱ କେବଳ ଏହି ଗୋଟିଏ ଜୀବ- ମଣିଷ ପାଇଁ ବିପଦରେ। ଉର୍ବର ମସ୍ତିଷ୍କର ଅଧିକାରୀ ହୋଇଛି ବୋଲି ଯେ ନିଜର ସ୍ୱାର୍ଥ, ଲୋଭ ଓ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସେ ପ୍ରଥିବୀର ଅନ୍ୟ ସମସ୍ତ ଜୀବନକୁ ସମୟ ପୂର୍ବରୁ ନିଃଶେଷ କରିଦେବ ଏହାଠୁ ବଳି ଅବିବେକିତା ଆଉ କ'ଣ ଅଛି ? ଲେଡ଼ିଗୁଡ଼ କହୁଣୀକୁ ବୋହି ସାରିଛି। ସମୟ ଏମିତି ଆସିବ ଯେତେବେଳେ କେବଳ ସେ ଥିବ, ପଶୁପକ୍ଷୀ, ବୃକ୍ଷଲତା କିଛି ନଥିବ। ଅନୁପମ ସୌନ୍ଦର୍ଯ୍ୟମୟୀ ଏ ଧରା ଶୁଷ୍କ ନୀରସ ହୋଇ ଧୀରେଧୀରେ ଧ୍ୱଂସମୁଖରେ ପ୍ରବେଶ କରୁଥିବ। ମଣିଷ ନିଜର ବିବେକ, ବିଚାରସକ୍ତି, ସମବେଦନା, ସହାନୁଭୂତି, ଦୟା ଏବଂ ସମ୍ବେଦଶୀଳତା ପରି ମାନବୀୟ ମୂଲ୍ୟବୋଧର ପ୍ରୟୋଗ କରିବା ଉଚିତ।

*ଭୁବନେଶ୍ୱର*
*ମୋ-୮୨୪୯୭୦୫୪୨୧*




# ବିଜେଡ଼ି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମ ଗତକାଲି ଭଦ୍ରକ ଜିଲ୍ଲାର ଇରମ ଠାରୁ ଆରମ୍ଭ ହୋଇଥିବା ଜନସଂପର୍କ ଯାତ୍ରାର ଦ୍ୱିତୀୟ ଦିବସରେ ବାରିପଦାରେ ଅନୁଷ୍ଠିତ ଜନସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ପଟ୍ଟନାୟକ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିଫଳତା ନେଇ କଡା ସମାଲୋଚନା କରିଥିଲେ। ନବୀନ ଓ ମୋଦି ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ। ରାଜଧାନୀରେ କଳି ଦିଲ୍ଲୀରେ କୋଳାକୋଳି। ରାଜ୍ୟରେ ବେକାରୀ ସମସ୍ୟା, ନାରୀ ନିର୍ଯ୍ୟାତନା, କୃଷକ ଆତ୍ମହତ୍ୟା ଦ୍ରୁତି ଗତିରେ ବୃଦ୍ଧି ପାଉଛି। ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ବର୍ତ୍ତମାନ ସାଧାରଣ ଜନତାଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ରାଜ୍ୟର ଋଣଭାର ଆଜି ଏକଲକ୍ଷ ୧୪ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ୨୦୦୦ ମସିହା ଶେଷସୁଦ୍ଧା ଯେତେବେଳେ କଂଗ୍ରେସ ସରକାର ଥିଲା ୧୯ହଜାର କୋଟି ଟଙ୍କା ଥିଲା। କିନ୍ତୁ ରାଜ୍ୟ ସରକାର ରାଜ୍ୟର ପ୍ରକୃତ ସ୍ଥିତିକୁ ଲୋକଙ୍କ ସାମନାରେ ନରଖି ମିଛ ଘୋଷଣା ପରେ ଘୋଷଣା କରି ଲୋକଙ୍କୁ ଭୁଆଁ ବୁଲାଇ ଭୋଟ ନେଉଛନ୍ତି। ଯେଉଁ ସବୁ ରାଷ୍ଟ୍ରୀୟ ସଂପତ୍ତି ସ୍ୱାଧୀନତାର ପରବର୍ତ୍ତି ସମୟରେ ବିଗତ ଦିନର କଂଗ୍ରେସ ସରକାର ସୃଷ୍ଟି କରିଥିଲା ଆଜି ମୋଦି ସରକାର ତାଙ୍କର ଦୁଇ ବ୍ୟବସାୟୀ ବନ୍ଧୁଙ୍କ ହାତରେ ଟେକି ଦେଉଛନ୍ତି। ଭାରତ ବର୍ଷର ଜାତୀୟ ରାଜପଥ, ବନ୍ଦର, ରେଲଷ୍ଟେସନ, ରେଳ ଲାଇନ ଏବଂ ସର୍ବୋପରି ବିମାନ ବନ୍ଦର ଠୁ ଆରମ୍ଭ କରି ସରକାରୀ ସାଧାରଣ ଉଦ୍ୟୋଗକୁ ବିକ୍ରି କରି ଚାଲିଛନ୍ତି। ଶେଷରେ ଭାରତ ବର୍ଷର ଯୁବକମାନଙ୍କର ଭବିଷ୍ୟତକୁ ନଷ୍ଟଭ୍ରଷ୍ଟ କରି ଦେବାପାଇଁ ଏକ ଚକ୍ରାନ୍ତ ଚଳାଉଛନ୍ତି। ଭାରତବର୍ଷର ସାମରିକ ବାହିନୀକୁ ଦୁର୍ବଳ କରି ଦେବାପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଯେଉଁ ଅଗ୍ନିପଥ ନିଯୁକ୍ତି ପ୍ରକ୍ରିୟା ମାଧମରେ ଅଗ୍ନିବୀର ମାନଙ୍କୁ ମାତ୍ର ୪ ବର୍ଷ ପାଇଁ ସୈନ୍ୟ ବିଭାଗରେ ନିଯୁକ୍ତି କରିବାକୁ ଚାହୁଁଛନ୍ତି। କଂଗ୍ରେସ ଦଳ ଏ ନିଷ୍ପତ୍ତିକୁ ଦୃଢ଼ ଭାବରେ ବିରୋଧ କରୁଛି। କଂଗ୍ରେସ ଦଳ ଭାରତ ବର୍ଷର ଯୁବକ ମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ପ୍ରତିମୁହୂର୍ତ୍ତରେ ସେମାନଙ୍କ ସହିତ ଛିଡ଼ା ହୋଇଛି। କୌଣସି ପରିସ୍ଥିତିରେ ଭାରତରେ ସାମରିକ ଶକ୍ତିକୁ ଦୁର୍ବଳ କରିବାକୁ ଦିଆଯିବ ନାହିଁ। କଂଗ୍ରେସ ଏକମାତ୍ର ରାଜନୈତିକ ଦଳ ଯିଏକି ଉଭୟ ବିଜେଡ଼ି ଓ ବିଜେପି ବିରୋଧରେ ଲଢ଼େଇ କରିବାରେ ଶକ୍ତି ଓ ସାମର୍ଥ୍ୟ ରଖିଛି। ବର୍ତ୍ତମାନ ସମୟ ଆସିଛି କଂଗ୍ରେସର ସମସ୍ତ ବନ୍ଧୁମାନେ ଏକାଠି ହେବାର। ଯେଉଁ କଂଗ୍ରେସ ନେତୃବୃନ୍ଦ ମାନେ ମାନ ଅଭିମାନରେ କଂଗ୍ରେସ ଦଳରୁ ଦୂରେଇ ଯାଇଛନ୍ତି ସେମାନଙ୍କୁ ଯଥାଶୀଘ୍ର ଦଳକୁ ଫେରିବାପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଥିଲେ। ସମସ୍ତେ ମିଳିମିଶି ବୁଥସ୍ତରରୁ କଂଗ୍ରେସ ଦଳକୁ ସୁଦୃଢ଼ କରି ମୋଦି ଓ ନବୀନ ଓ ସରକାରଙ୍କ ବିରୋଧରେ ଲଢ଼େଇ କରି ୯୦ ବିଧାୟକ ଜୟଯୁକ୍ତ ହୋଇ ସରକାରକୁ ଆସି ପାରିବା ବୋଲି ଶ୍ରୀ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ସରକାର ଆସିଲେ ଯୁବକ ମାନଙ୍କୁ ପ୍ରାଧାନ୍ୟ ଦିଆଯିବ, ମହିଳାଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରତ୍ୟେକ ସ୍ତରରେ ରକ୍ଷା କରାଯିବ। କୌଣସି ଯାଗାରେ କଂଗ୍ରେସ କର୍ମୀଙ୍କୁ ଯିଏ ହଇରାଣ କରୁଥିବ ସିଏ ଯିଏ ହେଉନା କାହିଁକି ତାକୁ ଦମନ କରାଯିବ। ସଭା ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଏକ ମୋଟର ସାଇକଲେ ଶୋଭାଯାତ୍ରାରେ ବିର୍ଷାମୁଣ୍ଡା ଛକଠାରୁ ସଭାପର୍ଯ୍ୟନ୍ତ ନିଆଯାଇଥିଲା। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ହେମ' ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ। ଆଜିର ଜନସଂପର୍କ ଯାତ୍ରାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପିସିସି ଉପସଭାପତି ସରସ୍ୱତୀ ହେମ୍ବ୍ରମ, ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥ, ଜ୍ଞାନ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ରାଜ୍ୟ ସାମାଜିକ ଗଣମାଧ୍ୟମର ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ସୁଦର୍ଶନ ଦାସ, ହିମାଂଶୁ ପରିଡ଼ା, ପ୍ରଦୀପ ରଥ, ପ୍ରଭାସକର ମହାପାତ୍ର, ନିରୋଜ ଲୋଚନ ଦାସ, ଯୋଗେଶ ଅଗ୍ରୱାଲ, ଭୁବନ ସାହୁ, ଅରବିନ୍ଦ ଦାସ, ପ୍ରକାଶ ମହାନ୍ତି, ନବୀନ ବାରିକ, ମହେନ୍ଦ୍ର ନାୟକ, ଶାଂନୁ ପାଲ, ସସ୍ମିତା ଘୋଷାଲ, ଅଂଶୁମାନ ଦାସ, ମୋତିପ୍ରକାଶ ଦାସ, ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ହଜାର ହଜାର ସଂଖ୍ୟାରେ ଛାତ୍ର, ଯୁବ, ମହିଳା କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ।

## ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

### ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ଆଦର୍ଶ ଉତ୍କଳମଣି ଗୋପବନ୍ଧୁ



ଭୁବନେଶ୍ୱର (ପିଏନ୍): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ୯୪ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ୟୁନିଟ-୮ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଥିଲେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସମାଜସେବୀ, ସଂପାଦକ, ପଂଚସଖାମାନଙ୍କ ମଧ୍ୟରୁ ଅନ୍ୟତମ ତଥା ସମଗ୍ର ଓଡ଼ିଆଙ୍କ ସର୍ବକାଳୀନ ଆଦର୍ଶ। ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତା, ସଂସ୍କୃତିକୁ ତାଙ୍କ ଅବଦାନ ଥିଲା ଅତୁଳନୀୟ। ଏହାସହିତ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଖବରକାଗଜ ସମାଜର ସଂପାଦକ ଭାବେ ତାଙ୍କ ସମର୍ପିତ ନିଷ୍ଠା ଓ କାର୍ଯ୍ୟର ଆଜି ବି ପ୍ରାସଙ୍ଗିକତା ରହିଛି। ଉକ୍ତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ସରକାରଙ୍କ ଅନୁସଚିବ ଲକ୍ଷ୍ମୀଧର ବେହେରା, ଓଡ଼ିଶା ନାଗରିକ ମହାମଂଚର ସଂପାଦକ ପ୍ରଦୀପ ବିଶ୍ୱାଳ, ଉମାନାଥ ମିଶ୍ର, ଗାୟକ ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଯୁବ ସାମ୍ବାଦିକ ଲିଙ୍ଗରାଜ ସାହୁଙ୍କୁ ବିଶ୍ୱମଣି ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦ୍ରାପଡା (ପିଏନ୍): ବିଶ୍ୱ ପରିବେଶ ଦିବସ ଅବସରରେ କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ଥିଲା "ଏକମାତ୍ର ପୃଥିବୀ।" ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ମଧୁସୂଦନ କାମିଲା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଦୁଇ କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ଗିରିଜାକାନ୍ତ ଦାସ ଓ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ପରିଚାଳନା କରିଥିଲା ବେଳେ ସ୍ୱେଚ୍ଛାସେବୀ ଶଶୀପ୍ରସାଦ ମହାରଣା, ରାଜେନ୍ଦ୍ର ଲେଙ୍କା, ସାଇନମ୍ ପରୱିନ୍, ମାମାଲି ସାହୁ, ଲୋପିତା ପଲାଇ, ଅର୍ପିତା ପରିଡା ପ୍ରମୁଖ ବୃକ୍ଷ ରୋପଣରେ ସାହାଯ୍ୟ କରିଥିଲେ।

# ନିଶା କବଳରେ କବଳିତ କୋଣାର୍କ



କୋଣାର୍କ (ପିଏନ୍): ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଆଜି ନିଶାଦ୍ରବ୍ୟ କବଳରେ କବଳିତ। ସରକାରୀ ନୀତି ନିୟମ ନମାନି ସର୍ବସାଧାରଣରେ ଏହାର ସେବନ ଓ ବିକ୍ରୀ ଉପରେ ନିଷେଧାଦେଶ ଥିଲେ ମଧ୍ୟ କେହି ନୀତି ନିୟମକୁ ମାନୁନାହାନ୍ତି। ଖୁଲମଖୁଲା କୋଣାର୍କ ବଜାରର ବିଭିନ୍ନ ଛକ ଓ ନିକଟସ୍ଥ ଗ୍ରାମରେ ଥିବା ପାନଦୋକାନ, ଜଳଖିଆ ଦୋକାନ, ଗ୍ରୋସରୀ ଦୋକାନ ଓ ହୋଟେଲମାନଙ୍କରେ ଅବାଧରେ ନିଶାଦ୍ରବ୍ୟ ବିକ୍ରୀ ହେଉଛି। ଫଳରେ ହାତପାଆନ୍ତାରେ ନିଶାଦ୍ରବ୍ୟ ମିଳିଯାଉଥିବାରୁ ଯୁବଗୋଷ୍ଠୀଙ୍କ ସମେତ ସବୁ ବର୍ଗର ବ୍ୟକ୍ତି ବିଭିନ୍ନ ଆଳରେ ନିଶାସେବନ କରୁଥିବା ଦେଖିବାକୁ ମିଳୁଛି। ଏହି ଯୁବଗୋଷ୍ଠୀ ପ୍ରତ୍ୟେହ ନିଶାସେବନ କରିବା ଯୋଗୁଁ ସେମାନେ ନିଶା ବିନା ବଞ୍ଚିବା ଯେପରି ସମ୍ଭବପର ନୁହେଁ ତାହା ଦେଖିବାକୁ ମିଳୁଛି। ସେମାନଙ୍କର ଧୈର୍ଯ୍ୟର ଅଭାବ ପାଇଁ ହେଉ ବା ପ୍ରତ୍ୟେହ ନିଶା ଯୋଗୁଁ ହେଉ, ଏ ବିଷବଳୟରେ ଛନ୍ଦିହୋଇ ଏହାକୁ ଛାଡ଼ିପାରୁ ନ ଥିବା ଲୋକେ ପାଗଳଙ୍କ ଭଳି ନିଶାସେବନ ପାଇଁ ଖୋଜି



ବୁଲୁଛନ୍ତି ଦୋକାନମାନଙ୍କରେ। ନିଶାସକ୍ତ ଅବସ୍ଥାରେ ଏହି ନିଶାଡିମାନେ ସ୍ଥାନୀୟ ଝିଅ ବୋହୂଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳିଛି। ଏହି ନିଶାଡିମାନେ ନିଶାସକ୍ତ ଅବସ୍ଥାରେ ଯାନବାହନ ଚଳାଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ଯାଉଥିବା ନଜିର ରହିଛି। କୋଣାର୍କ ଭଳି ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ରରେ ନିଶାଡିମାନଙ୍କ ଉତ୍‌ପାତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୁଲିସ ପକ୍ଷରୁ ନିଶାଡିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ଏବଂ ଦିବା ଓ ରାତ୍ରିକାଳିନ ପ୍ୟାଟ୍ରୋଲିଂ



ନ ହେବାରୁ ମଦ୍ୟପମାନେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ, ସମୁଦ୍ରକୂଳ, ହେଲିପ୍ୟାଡ, ଭଗବତୀ ରୋଡ, କଲେଜ ପଡିଆ ସମେତ ଏଠାରେ ଥିବା କେତେକ ହୋଟେଲରେ ବସି ଖୁଲମଖୁଲା ନିର୍ଭୟରେ ମଦ୍ୟପାନ କରୁଥିବା ବେଳେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଥିସହ ମଦ୍ୟପମାନେ ବିଭିନ୍ନ ପ୍ରକାର ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ମଦ୍ୟପଙ୍କ ଦୌରାତ୍ମ୍ୟରେ ଚୋରୀ, ରାହାଜାନୀ ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। କୋଣାର୍କ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଚୋରାରେ ମଦ, ଗଞ୍ଜେଇ, ଅଫିମ, ଚରସ, ବ୍ରାଉନସୁଗାର କାରବାର ଅବାଧରେ ହେଉଥିବା ସାଧାରଣରେ ଅଭିଯୋଗମାନ ହେଉଛି। ପୁଲିସ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଚୋରାରେ ନିଶାଦ୍ରବ୍ୟ ବିକ୍ରୟ କରୁଥିବା ବେପାରୀମାନଙ୍କ ବିରୋଧରେ ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ବେଳେ ଲୋକଦେଖାଣିଆ ଭାବେ କେତେକ ସ୍ଥାନରେ ଚଢ଼ାଉ କରାଯାଉଛି। ଫଳରେ ଚୋରା ନିଶାବେପାରୀମାନେ ନିର୍ଭୟରେ ନିଜ ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ଦୃଢ ପଦକ୍ଷପ ନେବାପାଇଁ ସାଧାରଣରେ ଦାବି ହେଉଛି।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପିକା ମୋନାଲିସା ସିଂଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ପରାମର୍ଶରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଜାତୀୟ ସମର ଶିକ୍ଷାର୍ଥୀର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷା କହିଥିଲେ ବୃକ୍ଷ ହିଁ ଜୀବନ ଏବଂ ପରିବେଶର ପ୍ରଦୂଷଣ ଯୋଗୁଁ କେଉଁଭଳି ଭାବରେ ପ୍ରାଣୀଜଗତ ପ୍ରଭାବିତ ହେବାକୁ ଯାଉଛନ୍ତି। ପରିବେଶ ସୁରକ୍ଷା ନିମିତ୍ତ ବ୍ୟାପକ ବୃକ୍ଷରୋପଣ ସଙ୍ଗେସଙ୍ଗେ ପ୍ରଦୂଷଣକୁ ହ୍ରାସ କରିବା ଆମ ସମସ୍ତଙ୍କର କାମ ହେବା ଉଚିତ୍। ପ୍ରାଧ୍ୟାପକ ରଞ୍ଜିତ ଦାସ, ଅଶୋକ କୁମାର ଦାସ, ଅଧ୍ୟାପକ ସେକ୍ ହବିବ୍, ସୁବ୍ରତ କୁମାର ପାତ୍ର ଓ ଡ. ଦେବକାନ୍ତ ଷଡଙ୍ଗୀ ପ୍ରମୁଖ ଅଧ୍ୟାପିକା ସିଂଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହାୟତା କରିଥିଲେ।

## ଶୈଳଙ୍ଗ ସମିତି ନିର୍ବାଚନ ଅଧିକାରୀଙ୍କ ନିରପେକ୍ଷତାକୁ ନେଇ ଅଭିଯୋଗ

ଘଷିପୁରା (ପିଏନ୍): ଚଳିତ ସମବାୟ ନିର୍ବାଚନରେ ଆନନ୍ଦପୁର ଉପଖଣ୍ଡ ଶୈଳଙ୍ଗ ସମବାୟ ସମିତିର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିଛି। ଖବର ଅନୁଯାୟୀ ସମିତିର ପୂର୍ବତନ ସଭାପତି କେ.ସି. ବ୍ୟାଙ୍କରୁ ଋଣ ନେଇ ଖିଲାପି କରିଥିବା ପ୍ରମାଣ ଓ ଲିଖିତ ଅଭିଯୋଗ ପାଇ ମଧ୍ୟ ତାଙ୍କ ପ୍ରାର୍ଥୀପତ୍ର କାଏମ୍ ରଖିବାକୁ ନିର୍ବାଚନ ଅଧିକାରୀଙ୍କ ବାସଭବନରେ ତାଙ୍କ ସହ ସଲାସୁତୁରା କରୁଥିବା ଅଭିଯୋଗ ଆସିଛି। ସେହିଭଳି ସମିତିର ବେତନଭୋଗୀ କର୍ମଚାରୀଙ୍କ ପରିବାର ସଦସ୍ୟ ନିର୍ବାଚନରେ ଭାଗ ନେଇପାରିବେ ନାହିଁ ବୋଲି ସମବାୟ ଆଇନ୍‌ରେ ନିଷିଦ୍ଧ କରାଯାଇଥିବା ସତ୍ତ୍ୱେ ଜନୈକ କର୍ମଚାରୀଙ୍କ ବାପା ମହେଶ୍ୱର ଅମାନ୍ତ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ଏବଂ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଅଭିଯୋଗ କରିଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ନାକଚ କରିନାହାନ୍ତି ବୋଲି ନିର୍ବାଚନରେ ଭାଗ ନେଇଥିବା ରଂଜନ ପୁହାଣ ଅଭିଯୋଗ କରିଛନ୍ତି।

## ପରିବେଶଭିତ୍ତିକ ଲେଖା ପାଇଁ ଶିକ୍ଷୟିତ୍ରୀ ପୁରସ୍କୃତ

ଯାଜପୁର (ପିଏନ୍): ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସମ୍ବନ୍ଧୀୟ ଉତ୍କୃଷ୍ଟ ପ୍ରବନ୍ଧ ରଚନା ପାଇଁ ଯାଜପୁର ଜିଲ୍ଲା ସ୍କୁଲର ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ପୁରସ୍କୃତ ହୋଇଛନ୍ତି। ରାଜ୍ୟ ପରିବେଶ ଶିକ୍ଷାକେନ୍ଦ୍ର, ଭୁବନେଶ୍ୱର ତରଫରୁ ରାଜ୍ୟର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ 'ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସେଥିରେ ସେ ସଫଳତା ଲାଭ କରିଥିଲେ। ଭୁବନେଶ୍ୱରର ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା ଶ୍ରୀମତୀ ପତିଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସେଠାରେ ରାଜ୍ୟ ପରିବେଶ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ରାଜୀବ କୁମାର ଓ ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀଙ୍କ ଏହି ସଫଳତା ନିମନ୍ତେ ଯାଜପୁରର ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ, ବିଦ୍ୟାଳୟର ସହକର୍ମୀବୃନ୍ଦ ଏବଂ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ଏବଂ ଶୁଭେଚ୍ଛୁବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରବନ୍ଧ ରଚନା ପାଇଁ ରାଜ୍ୟସ୍ତରରେ ଶିକ୍ଷୟିତ୍ରୀ ପୁରସ୍କୃତ

ଯାଜପୁର (ଏନ୍‌ଏନ୍‌ଏସ୍): ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସମ୍ବନ୍ଧୀୟ ଉତ୍କୃଷ୍ଟ ପ୍ରବନ୍ଧ ରଚନା ପାଇଁ ଯାଜପୁର ଜିଲ୍ଲା ସ୍କୁଲର ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ପୁରସ୍କୃତ ହୋଇଛନ୍ତି। ରାଜ୍ୟ ପରିବେଶ ଶିକ୍ଷାକେନ୍ଦ୍ର, ଭୁବେନଶ୍ୱର ତରଫରୁ ରାଜ୍ୟର ଇକୋ କ୍ଲବ ଦାୟିତ୍ୱରେଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ 'ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସେଥିରେ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭୂବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା ଶ୍ରୀମତୀ ପତିଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ସେଠାରେ ରାଜ୍ୟ ପରିବେଶ ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ରାଜୀବ କୁମାର ଓ ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀଙ୍କ ଏହି ସଫଳତା ନିମନ୍ତେ ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ, ବିଦ୍ୟାଳୟର ସହକର୍ମୀ ବୃନ୍ଦ ଏବଂ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ମଲ୍ଲିକାପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବିଶ୍ୱପୂଜିତା ଦ୍ୱିବେଦୀ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## କୁକୁର କାମୁଡାରେ ଆହତ ହରିଣ ଉଦ୍ଧାର

କେନ୍ଦୁଝର (ପିଏନ୍): ସଦର ରେଂଜ ନରଣପୁର ସେକ୍ସନ ଅନ୍ତର୍ଗତ ତୁଳସୀଚଉଁରା ଗ୍ରାମରୁ ଏକ କୁକୁର କାମୁଡାରେ ଆହତ କୁଟୁରାକୁ ବନ ବିଭାଗ ଉଦ୍ଧାର କରିଛି। ସକାଳ ସମୟରେ ଅଣ୍ଡିରା କୁଟୁରାଟି ବାରାସି ଜଙ୍ଗଲରୁ ଗାଁ ପାଖକୁ ଚାଲି ଆସିଥିବା ବେଳେ କୁକୁର ଆକ୍ରମଣର ଶୀକାର ହୋଇ ଆହତ ହୋଇଥିଲା। ବନ ବିଭାଗ କର୍ମଚାରୀ ଆହତ କୁଟୁରାକୁ ଉଦ୍ଧାର କରି ପଶୁ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ନରଣପୁର ସେକ୍ସନ ଅଫିସରେ ରଖାଯାଇଛି। ସୁସ୍ଥ ହେଲା ପରେ ତାକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କୁଟୁରାର ବୟସ ୫ ବର୍ଷ ହେବ ବୋଲି ଜଣାପଡିଛି। ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ବନ୍ୟପ୍ରାଣୀ ଜଙ୍ଗଲରୁ ବାହାରି ଗ୍ରାମାଞ୍ଚଳମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ଶିକାରୀ ତଥା କୁକୁର ହାବୁଡରେ ପଡି ବନ୍ୟପ୍ରାଣୀ ମୃତ୍ୟୁବରଣ କରୁଛନ୍ତି।

## ଡାକ ବିଭାଗ ତରଫରୁ ବାଂଶପାଳ ବ୍ଲକ ଯାତ୍ରାଠାରେ ଆଧାର କ୍ୟାମ୍ପ୍ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ସଂପ୍ରତି ବାଂଶପାଳ ବ୍ଲକର ବହୁ ଗ୍ରାମ ଅତ୍ୟନ୍ତ ଦୁର୍ଗମ ସ୍ଥାନରେ ଅବସ୍ଥିତ। ସେଠାକାର ଅଧିବାସୀ ପ୍ରାୟତଃ ଅନୁସୂଚିତ ଜାତି ଅଟନ୍ତି। ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ଆଧାର କାର୍ଡ ଅନିବାର୍ଯ୍ୟ ହୋଇ ପଡିଛି। ସେଠାକାର ବହୁ ଅଧିବାସୀଙ୍କର ଏ ପର୍ଯ୍ୟନ୍ତ ଆଧାର କାର୍ଡ ହୋଇପାରିନାହିଁ। ଯଦିଓ କେତେକଙ୍କର ହୋଇଛି ତାହା ମଧ୍ୟ ନିର୍ଭୁଲ ନୁହେଁ। ଏହାକୁ ଆଖି ଆଗରେ ରଖି ଡାକ ବିଭାଗ ତରଫରୁ ବାଂଶପାଳ ଉପ-ଡାକପାଳ ତଥା ରାଜ୍ୟ ଜନଜାତି ସଂପ୍ରଦାୟର ସମ୍ପାଦକ ଶ୍ରୀ ଗିରିଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ବାଂଶପାଳସ୍ଥ ଯାତ୍ରା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଏକ ଆଧାର କ୍ୟାମ୍ପ୍ ଆୟୋଜିତ ହୋଇଯାଇଅଛି। ଏଥିରେ ସ୍ଥାନୀୟ ସରପଂଚ, ନାଏବ ସରପଂଚ, ୱାର୍ଡମେମ୍ବର,ଅଙ୍ଗନୱାଡି କର୍ମୀ, ସ୍ଥାନୀୟ ବିଡିଓ ଓ ସିଡିପିଓ ପ୍ରମୁଖ ସହଯୋଗ କରିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ବରିଷ୍ଠ ପ୍ରବନ୍ଧକ ଚିନ୍ତାମଣି ପାଗଳ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଛୁଆଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ଆଧାର କ୍ୟାମ୍ପ୍‌ରେ ଭାଗ ନେଇଥିଲେ। ତତ୍‌ସଙ୍ଗେ ସଙ୍ଗେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ରୁ ଟଙ୍କା ଜମା ଓ ଉଠାଣ ମଧ୍ୟ କରାଯାଇଥିଲା। ଶ୍ରୀ ନାୟକଙ୍କ ଏତାଦୃଶ ଗଣସହଭାଗିତା ନେଇ ଅଂଚଳବାସୀ ଓ ସ୍ଥାନୀୟ ସରପଂଚ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ। ପ୍ରତ୍ୟେକ ଗ୍ରାମରେ ଏପ୍ରକାର କାର୍ଯ୍ୟକ୍ରମ କରାଗଲେ ବହୁ ଲୋକଙ୍କ ପୋଷ୍ଟ ଅଫିସ୍ ପ୍ରତି ଆଗ୍ରହ ବଢିବ ବୋଲି କହିଥିଲେ। ବାଂଶପାଳ ବ୍ଲକ ଉପ-ଡାକଘର ଅଧିନରେ ଥିବା ସମସ୍ତ ଗ୍ରାମୀଣ ଡାକ ସେବକ ଉକ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜ୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧକ୍ଷ ଡଃ. ଅମୀୟ ଜେନା, ପ୍ରାଧାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜି ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।





2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

